ସାପ୍ତାହିକ ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar ସ୍ୱୀକାର

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.26 | Issue - 45 | 06 - 12 November 2022 | Sambalpur | Page- 8 | Invitation Price Rs.10

# ପାଲା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ: ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ














## ‘ସ୍ୱୀକାର’ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ

ସମ୍ବଲପୁର : ପାଲା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ଏହା ହେଉଛି ସାଂସ୍କୃତିକ ଗଣମାଧ୍ୟମ । ମାନବ କଲ୍ୟାଣ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ କାମ କରୁଛନ୍ତି ଓ ପାଲା କଳାକାର ମାନେ ମଧ ଧର୍ମରକ୍ଷା ପାଇଁ ଉଦ୍ୟମ କରି ଆସୁଛନ୍ତି । ସମ୍ପ୍ରତି ଭାରତୀୟ ସଂସ୍କୃତି ସଂକଟରେ ଥିବାବେଳେ ଏଥିରୁ ଉଦ୍ଧାର ପାଇବା ପାଇଁ ପାଲା କଳାକାର ମାନେ ପ୍ରୟାସରତ ଅଛନ୍ତି । ତେଣୁ ପାଲା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ସାପ୍ତାହିକ ‘ସ୍ୱୀକାର’ ପକ୍ଷରୁ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶରେ ମତପ୍ରକାଶ ପାଇଛି ।

ସ୍ଥାନୀୟ ତପସିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିବା ବେଳେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତା ଓ ସେଣ୍ଟ ଜୋନ୍ସ ସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁ ଚରଣ ପଣ୍ଡା ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜଗତସିଂହପୁରର ବରିଷ୍ଠ ପାଲା ଗାୟକ ନାରାୟଣ ମହାରଣା, କେନ୍ଦୁଝର ଜିଲ୍ଲାର ବରିଷ୍ଠ ପାଲା ଗାୟକ ତଥା ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ସମଲେଶ୍ୱରୀ ପାଲା ପରିଷଦର ଅଧକ୍ଷ ରାଧେଶ୍ୟାମ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବାବେଳେ ‘ସ୍ୱୀକାର’ ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ, ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ଅତିଥି ପରିଚୟ ଓ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ମାଇଲ୍ସ ଷ୍ଟୁଡ଼ିଓର କର୍ମକର୍ତ୍ତା ମାନେ ବୈଷୟିକ ସହଯୋଗ ଯୋଗାଇଥିଲେ ।

ଦ୍ୱିତୀୟ ଦିବସର ପୂର୍ବାହ୍ନରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତା ତଥା ଡକ୍ଟର ଗୌରୀଦାସ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ‘ପାଲାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା, ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ, ନିଖିଳ ଉତ୍କଳ ପାଲା ପରିଷଦର ସଭାପତି ମଦନ ମୋହନ ଜେନା, ସମ୍ପାଦକ ବସନ୍ତ କୁମାର ରାଉତ, ପୂର୍ବତନ ସମ୍ପାଦକ ସୁଦର୍ଶନ ମହାପାତ୍ର, ଜଗତସିଂହପୁର ର ପାଲା କଳାକାର ନିରଞ୍ଜନ ସ୍ୱାଇଁ, ଡାକ୍ତର ଧନୀରାମ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରି ପାଲାର ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଓଡିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରଫେସର କାମଦେବ ସାହୁ ଅଧକ୍ଷତା କରିଥିବା ବେଳେ ରେଙ୍ଗାଲିର ସୁରଜମଲ ମହାବିଦ୍ୟାଳୟର ଇତିହାସ ଅଧାପକ ମୁରାରୀ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପାଲାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ‘ସ୍ୱୀକାର’ ସମ୍ପାଦକ ହେମନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜଗତସିଂହପୁରର ବିଶିଷ୍ଟ ପାଲା ଗାୟକ ନାରାୟଣ ମହାରଣା, କେନ୍ଦୁଝର ଜିଲ୍ଲାର ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ପାଲା ଗାୟକ ତଥା ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ରାଧାରାଣୀ ନାଥଶର୍ମା, ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡା, ନରସିଂହପୁର ବଡମ୍ବାର ଶରତ ଚନ୍ଦ୍ର ପରିଜା ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ସହଯୋଗ କରିଥିବା କମ୍ୟୁନିଟି ପୋଲିସ ବୀର ସୁରେନ୍ଦ୍ର ସାଏ ରେଜିମେଣ୍ଟର କମାଣ୍ଡାଣ୍ଟ ଶ୍ରୀ ବଂଶୀଧର କରଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀ ଗୋପୀନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ଦିନ ଧରି ଆୟୋଜିତ ଏହି ସମାବେଶରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦଳ ମାନେ ପାଲା ପରିବେଷଣ କରିଥିଲେ ।

























## ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟପକ୍ଷେ ଭଲ ପିଜୁଳି ପତ୍ର


ବାସି ରୁଟିରୁ ଫାଇଦା ଅନେକ


ଆଳସ୍ୟ ବଢ଼ାଏ ପୁରୁଣା ରୋଗ


ଡାଳିମ୍ବ ଚୋପାର ଚମତ୍କାରୀ ଗୁଣ


ଶରୀର ପାଇଁ ଉପକାରୀ ଜିରା


ସୋୟାବିନ୍‌ର ଉପକାରିତା

## ଏମ୍‌ସିଏଲ୍‌ରେ କୋଲ ଇଣ୍ଡିଆ ଦିବସ ପାଳିତ





ବୁର୍ଲା : ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ରେ ୪୮ତମ କୋଲ ଇଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସିଭିସି ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ । ଏମ୍‌ସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ ଓ ଅର୍ଥ ବିଭାଗର ନିର୍ଦ୍ଦେଶକ ଏକେ ବେହୁରା ଏହି ସମୟରେ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ସମସ୍ତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କୁ ନେଇ ଏକ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୬ତମ ଜିଜେ କୁମାରମଙ୍ଗଳମ୍ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଓ କର୍ପୋରେଟ ଟ୍ରେନର ଡା.ଉଜ୍ୱଳ ପାଟନୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ।

ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜକୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସେଣ୍ଟ ଜୋନ୍ସ ସେଣ୍ଟ ଜୋସେଫ, ସେଣ୍ଟ ଲାଇକ୍, ବୈଦିକ୍, ଡିପିଏସ୍, ସେଣ୍ଟ ଜାଭିଅର, ବୁର୍ଲା ସରକାର ହାଇସ୍କୁଲ, ଡିଏଭି, ସେଭେନ୍ସ ହିଲ୍ ସ୍କୁଲ ଭାଗ ନେଇଥିଲେ । ପ୍ରତିଯୋଗିତାରେ ସେଭେନ୍ସ ହିଲ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ।

## ଡିଏଭି ସ୍କୁଲରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଝାରସୁଗୁଡ଼ା : ଡିଏଭି ପବ୍ଲିକ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଜୁଡ଼ୋ, କରାଟେ, ଟାଏକୋଣ୍ଡୋ ଓ ଉଶୁ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଜିଲା କ୍ରୀଡ଼ା ପରିଷଦର ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ପରିଚାଳନା ପାଇଁ ସବୁଜ ସଙ୍କେତ ଦେଇଥିଲେ । ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡର ଦିଲ୍ଲୀପ କୁମାର ସାହୁ, ଆସିଷ୍ଟାଣ୍ଟ କମାଣ୍ଡର ମାନଧାତା ସାଏ, ଓଡ଼ିଶା ପେଞ୍ଚାକ ସିଲାଟ ପରିଷଦ ସମ୍ପାଦକ ପ୍ରେମ ସିଂ ଥାପ୍ପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର ପାଳନବିଧି ବିଷୟରେ ପ୍ରତିଯୋଗୀମାନଙ୍କୁ ଅବଧାରଣା ଦେବା ସହ ସ୍ୱାଗତ କରିଥିଲେ । ବରିଷ୍ଠ ଶିକ୍ଷକ ଏମଭିଏଲଏନ ରାଓ ସମାରୋହର ଆଭିମୁଖ୍ୟ ଉପସ୍ଥାପନ କରିବା ସହିତ ଉଦଯାପନୀ ସଭାରେ ଫଳାଫଳ ଘୋଷଣା କରିଥିଲେ । ବାଳକ କରାଟେରେ ଝାରସୁଗୁଡ଼ା ଡିଏଭି, ବାଳିକା କରାଟେରେ ଲାଞ୍ଜିଗଡ଼ ଡିଏଭି ଓ ବାଳକ ତାଇକୋଣ୍ଡୋରେ ସେକ୍ଟର ୧୬ ରାଉରକେଲା ଡିଏଭିକୁ ଚାମ୍ପିୟନ ଘୋଷଣା କରାଯାଇଥିଲା । ଦୁଇ ଦିନ ବ୍ୟାପୀ ହୋଇଥିବା ଏହି କ୍ରୀଡ଼ା ସମାରୋହରେ ଓଡ଼ିଶାର ୩୦ ଡିଏଭି ସ୍କୁଲର ସର୍ବମୋଟ ୧୮୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜାତୀୟ ବିଚାରକ ମନୋଜ ଶୁକ୍ଳା, ଜାତୀୟ ଖେଳ ସଞ୍ଚାଳକ ରାଜୀବ ସିଂ, ବିଜୟ କୁମାର ଭୋଇ ଓ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ତାଙ୍କ ସଞ୍ଚାଳକ ଟିମ କ୍ରୀଡ଼ା ପରିଚାଳନା କରିଥିଲେ । ଉଦ୍‌ଯାପନୀ ସଭାରେ ଜିଲ୍ଲା କ୍ରୀଡ଼ା ପରିଷଦର କର୍ମକର୍ତ୍ତା ଚୌଧୁରୀ, ଅସ୍ଥି ଶଲ୍ୟ ବିଶେଷଜ୍ଞ ପ୍ରୀତିରଞ୍ଜନ ପାଢ଼ୀ, ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## କୃଷି ବୀମା ଦାବି ନେଇ ବିଜେଡିର ପଦଯାତ୍ରା

ସମ୍ବଲପୁର : କେନ୍ଦ୍ର ସରକାରଙ୍କର ଓଡ଼ିଶାର ଚାଷୀଙ୍କୁ ୫୦୦ କୋଟି ଟଙ୍କାର କୃଷି ବୀମା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତିବାଦରେ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ସମ୍ବଲପୁର ଜିଲ୍ଲା ବିଜେଡି ତରଫରୁ ବିକ୍ଷୋଭ ପ୍ରତିବାଦ ସଭା ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳ ସମ୍ବଲପୁର ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସଙ୍କ ଅଧକ୍ଷତାରେ ହୋଇଥିବା ଗଣଧାରଣାରେ ସମ୍ବଲପୁରର ପୂର୍ବତନ ବିଧାୟିକା ଡ଼ାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ସମସ୍ତ ଉପସ୍ଥିତ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ଏହି ଗଣଧାରଣାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ଯୁମୁମୁରା ପଞ୍ଚାୟତ ସମିତି ଅଧକ୍ଷା ମମତା ନାଏକ, ଜିଲ୍ଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ଦେନାରାୟଣ ତିୱାରୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ମହିଳା ଚାଷୀ ତଥା ଟିକବା ପଞ୍ଚାୟତ ସମିତି ସଭ୍ୟ ସ୍ନିଗ୍ଧା ପଟେଲ, ଜିଲ୍ଲା ପରିଷଦ ଉପ ସଭାପତି ମାଧବ ମିର୍ଜା, ବରିଷ୍ଠ ବିଜେଡି ନେତା ଆର୍ତ୍ତତ୍ରାଣ ମିଶ୍ର ଧନକଉଡ଼ା ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ସାହୁ, ଓଡ଼ିଶା ରାଜ୍ୟ କେନ୍ଦୁପତ୍ର ତୋଳାଳୀ ମହାସଂଘ ସଭାପତି ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଆନ୍ଦୋଳନକାରୀଙ୍କୁ ଉଦବୋଧନ ଦେଇଥିଲେ ।

## ଝାରସୁଗୁଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରସୁଗୁଡା : ବିଜେଡିର ଜନସମ୍ପର୍କ ପଦଯାତ୍ରା ଝଣ୍ଡା ଝଣ୍ଡା ଛକରୁ ବାହାରି କାଳିମନ୍ଦିର ରୋଡ ରାଉତରାୟ ବଗିଚାରେ ପହଞ୍ଚିଥିଲା । ପରେ ସେଠାରେ ଆୟୋଜିତ ଏକ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ରାଜ୍ୟକୁ ବିକାଶଧାରାରେ ଆଗେଇ ନେଉଥିବା ବେଳେ ରାଜ୍ୟବାସୀଙ୍କ ସମର୍ଥନ ମୁଖ୍ୟମନ୍ତ୍ରୀ ଓ ବିଜେଡି ପ୍ରତି ରହିଛି ବୋଲି କହିଥିଲେ । ପଦଯାତ୍ରାରେ ଦୀପାଳୀ ଦାସ, ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଟାଉନ ସଭାପତି ସନ୍ଦିପ ଅବସ୍ତି, ତାପସ ରାୟ ଚୌଧୁରୀ, ରବି ସିଂ, ରଘୁମଣୀ ପଟେଲ, ହରିଶ ଗଣତ୍ରା, ପି ରାମମୋହନ ରାଓ, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ଗୋବିନ୍ଦ ସିଂହାନିଆ, ସିଦ୍ଧାର୍ଥ ସରକାର ପ୍ରମୁଖ ସାମିଲ ହୋଇଥିଲେ ।

## ରାସ୍ତା ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା : କୋଲାବିରା ବ୍ଲକ କୋଲାବିରା ପୁରୁଣା ରାଞ୍ଚି ରାସ୍ତାର ଉନ୍ନତୀକରଣ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୬କି.ମି. ରାସ୍ତା ପାଇଁ ୫କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ଓ ପୂର୍ତ୍ତବିଭାଗ ଏହି କାମ କରିବ ବୋଲି ଜଣାପଡିଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ୍ ଅଧକ୍ଷ ଭୋଜରାଜ ପଟେଲ, ଜିଲ୍ଲାପରିଷଦ ସଦସ୍ୟ ନୃପଲାଲ ପଶାୟତ, ସମିତିସଭ୍ୟ ସୁଶୀଳା ମହାନନ୍ଦ, ଡମ୍ବରୁ ପଟେଲ, କାର୍ତ୍ତିକ ମହାନନ୍ଦ, ଅପିଲ କିଷାନ, ସୁରେଶ କିଷାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୬୩ ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡା : ଝାରସୁଗୁଡ଼ା ବିଜେଡି ତରଫରୁ ସ୍ଥାନୀୟ ରାଉତରାୟ ବଗିଚା ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏହାକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲା ଓ ଝାରସୁଗୁଡ଼ା ଜିଲ୍ଲା ରେଡକ୍ରସ ବିଭାଗର ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟର ଟ୍ରଷ୍ଟି ଦୀପାଳୀ ଦାସ, ରବି ସିଂହ, ସନ୍ଦିପ ଅବସ୍ତି, ରଘୁମଣି ପଟେଲ, ତାପସ ଚାୟ ଚୌଧୁରୀ, ବେଣୁ ଗୋପାଳ ପାଣିଗ୍ରାହୀ, ଅରବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଲ୍ ଇଣ୍ଡିଆ ଫାଉଣ୍ଡେସନ ଦିବସରେ ଏମ୍‌ସିଏଲ ପୁରସ୍କୃତ

ବୁର୍ଲା : ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ପୁରସ୍କୃତ ହୋଇଛି । ସୁରକ୍ଷା, ସିଏସ୍‌ଆର୍ କଲ୍ୟାଣ ଏବଂ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି । କଲିକତାଠାରେ ଆୟୋଜିତ ୪୮ତମ କୋଲ ଇଣ୍ଡିଆ ଫାଉଣ୍ଡେସନ ଦିବସରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏମ୍‌ସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଜଗନ୍ନାଥ ଜୋନର ଜେନେରାଲ ମ୍ୟାନେଜର ଅଶୋକ କୁମାର ଧଳଙ୍କୁ ଶ୍ରେଷ୍ଠ କ୍ଷେତ୍ର ଜେନେରାଲ ମ୍ୟାନେଜର ଭାବେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କୋଇଲା ଉତ୍ପାଦନରେ ଉଲ୍ଲେଖନୀୟ ଅବଦାନ ପାଇଁ ଏମ୍‌ସିଏଲ୍ ମୁଖ୍ୟାଳୟର ଜେନେରାଲ ମ୍ୟାନେଜର (ସାମଗ୍ରୀ ପରିଚାଳନା) ମିହିର ଚନ୍ଦ୍ରଙ୍କୁ ଶ୍ରେଷ୍ଠ ବିଭାଗର ପୁରସ୍କାର ମିଳିଛି ।

## ଜିଏମୟୁରେ ତ୍ରିଦିବସୀୟ ଜାତୀୟ କର୍ମଶାଳା ଉଦ୍‌ଯାପିତ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ଓ ନୃତତ୍ତ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଜାତୀୟ ପ୍ରାଗ୍ ଐତିହାସିକ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । କର୍ମଶାଳାରେ ଜିଏମ୍‌ୟୁର ଛାତ୍ରଛାତ୍ରୀ ପୂର୍ବରୁ ପଢ଼ିଥିବା ଲକ୍ଷାଧିକ ବର୍ଷର ପୁରାତନ ପ୍ରାଗ୍ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଗୁଡ଼ିକୁ ଭୌତିକ ରୂପରେ ଦର୍ଶନ କରିବା ସହିତ ଏହାର ଉପଯୋଗିତାକୁ ଉପଲବ୍ଧି କରି ଏହା ଉପରେ ଜ୍ଞାନ ଆହରଣ କରିବାକୁ ସକ୍ଷମ ହୋଇଥିଲେ । ଏହାସହିତ ଏଭଳି ଅମୂଲ୍ୟ ସମ୍ପଦକୁ ପ୍ରାମାଣିକ ରୂପେ ସ୍ୱହସ୍ତରେ ସ୍ପର୍ଶ କରି ଇତିହାସ ଓ ନୃତତ୍ତ୍ୱ, ଛାତ୍ରଛାତ୍ରୀମାନେ ଏହାର ଛାୟାଚିତ୍ର ଓ ଚିତ୍ରାଙ୍କନ ପରମ୍ପରାକୁ ମଧ ଶିକ୍ଷା କରିଥିଲେ । ସେହିପରି ଏହାର ସଂରକ୍ଷଣ କିଭଳି କରାଯିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଜିଏମ୍‌ୟୁର କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କର୍ମଶାଳାରେ ପ୍ରଶିକ୍ଷଣ ମୁଖ୍ୟ ପ୍ରଫେସର ଡ.ଶିମାଦ୍ରୀ ବିହାରୀ ଓଟା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ଏକ କର୍ମଶାଳା ଆୟୋଜିତ ହୋଇଥବାରୁ ଜିଏମ୍‌ୟୁର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡକ୍ଟର ବସନ୍ତ କୁମାର ମହନ୍ତ ଇତିହାସ ଓ ନୃତତ୍ତ୍ୱ ବିଭାଗର ଏଭଳି କାର୍ଯ୍ୟକୁ ଶ୍ରେଣୀ ଗୃହରେ ସୀମିତ ନ ରଖି ଏହାକୁ ସମାଜ ସହିତ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ । ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଅତୁଲ କୁମାର ପ୍ରଧାନ ଓ ନୃତତ୍ତ୍ୱ ବିଭାଗ ମୁଖ୍ୟ ଡକ୍ଟର ବିଭୂକଲ୍ୟାଣ ମହାନ୍ତି ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଉପାଦେୟତା ପ୍ରତିପାଦନ କରିଥିଲେ । କର୍ମଶାଳାକୁ କଲ୍ୟାଣୀ ରଥ ସଞ୍ଚାଳନ କରିଥିବା ବେଳେ ଶେଷରେ ସସ୍ମିତାରାଣୀ ଶାସିନୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଡକ୍ଟର ସନ୍ତୋଷ କୁମାର ମଲ୍ଲିକ, ଡକ୍ଟର ମୀନକେତନ ବାଗଙ୍କ ସମେତ ଉଭୟ ବିଭାଗ ଛାତ୍ରଛାତ୍ରୀ ତଥା ସମସ୍ତ ଗବେଷଣାରତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଫେସର ଡକ୍ଟର ଓଟା ଓ ଡକ୍ଟର ମହନ୍ତଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

## ସମ୍ବଲପୁରରେ ବିଜେଡିର ପଦଯାତ୍ରା



ସମ୍ବଲପୁର : ପୂର୍ବତନ ବିଧାୟିକା ତଥା ବିଜେଡି ମୁଖପାତ୍ର ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂହ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲ୍ଲା ସଭାପତି ଇଂ ସିଦ୍ଧାର୍ଥ ଦାସ, ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ ପ୍ରମୁଖ ଯୋଗଦେଇ ନବୀନଙ୍କ ହାତମୁଠାକୁ ଆହୁରି ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଲକ୍ଷ୍ମୀ ଟକିଜ ଛକରୁ ଏହି ପଦଯାତ୍ରା ବାହାରି ଗୋଲବଜାର, ପୀରବାବା ଛକ, ମ୍ୟୁନିସିପାଲିଟି ଛକ ଦେଇ ଗଙ୍ଗାଧର ମଣ୍ଡପ ପଡିଆରେ ପହଞ୍ଚିଥିଲା । ଏହି ପଦଯାତ୍ରାରେ ଅତିଥି ଗଣଙ୍କୁ ଦୁଲଦୁଲି ବାଜା, ସମ୍ବର୍ଦ୍ଧା, ସଂକୀର୍ତ୍ତନ ମଣ୍ଡଳୀ ସହିତ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ କର୍ମୀମାନେ ପାଛୋଟି ନେଇଥିଲେ । ଏହାପରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନେତାମାନେ ଉଦବୋଧନ ଦେଇଥିଲେ । ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତୀଶ ବିଶିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମହାନଗର ନିଗମ ୱାର୍ଡ ନମ୍ବର ୩୬ ଅନ୍ତର୍ଗତ ଯୁବ ନେତା ଦେବାଶିଷ ବାଗଙ୍କ ନେତୃତ୍ୱରେ ୫୪ ଜଣ ଯୁବକ ବିଜେଡିରେ ଯୋଗ ଦେଇଥିଲେ ।

# ଅଧ୍ୟାତ୍ମ, ଜୀବନର ସର୍ବୋପରି ଆବଶ୍ୟକତା

**ଅ**ଧ୍ୟାତ୍ମ, ଜୀବନର ସର୍ବୋପରି ଆବଶ୍ୟକତା, କାରଣ ଏହା ଆମର ବାସ୍ତବିକ ସ୍ୱରୂପ ସହିତ ଆମର ପରିଚୟ କରାଇଥାଏ । ସେହି ସ୍ୱରୂପ ଯାହା ଜରା-ମୃତ୍ୟୁରୁ ରହିତ, ଶୋକମୁକ୍ତ, ନିତ୍ୟ ଓ ଅବିନାଶୀ ମୂଳ ସତ୍ତା ଅଟେ, ଯାହାର ଜ୍ଞାନ ହୋଇଗଲେ ମନୁଷ୍ୟ ସବୁ ପ୍ରକାର ଭୟ, ଶୋକ, ଚିନ୍ତା ଓ ମରଣରୁ ମୁକ୍ତ ହୋଇଯାଏ, ଅଜର-ଅମର ହୋଇ ଚିର ଅବିନାଶୀ ପଦକୁ ପ୍ରାପ୍ତ ହୋଇଥାଏ ।

ଏହି ନାଶବାନ୍ ମାନବ ଜୀବନରେ ସେହି ଆତ୍ମତତ୍ତ୍ୱର ଉପଲବ୍ଧିଠାରୁ ବଡ଼ ଓ ଉଚ୍ଚ ଉପଲବ୍ଧି ଆଉ କ'ଣ ହୋଇପାରେ ? ପ୍ରତ୍ୟେକ ବ୍ୟକ୍ତି ଏହାର ଅନ୍ୱେଷଣରେ ଜୀବନ ଓ ଜଗତର ମର୍ମକୁ ବୁଝିବା ପରିବର୍ତ୍ତେ ବାହ୍ୟ ଆକର୍ଷଣରେ ଫସିଯାଏ । ଏହି ଗୋଲକଧନ୍ଦାରେ ପଡ଼ି ସେ ସଂସାରର କ୍ଷଣଭଙ୍ଗୁର ସୁଖ ପଛରେ ଧାଇଁଥାଏ ଏବଂ ଶେଷରେ ଅଶାନ୍ତି ଓ ଅସନ୍ତୋଷ ହିଁ ତାକୁ ମିଳିଥାଏ । ଏହି ଅନ୍ୱେଷଣରେ ଜରାବସ୍ଥା ଆସିଯାଏ, ପୁଣି ମୃତ୍ୟୁ ପଦାର୍ପଣ କରେ ଏବଂ ଏହି ବହୁମୂଲ୍ୟ ଜୀବନ ବ୍ୟର୍ଥରେ ନଷ୍ଟ ହୋଇଯାଏ ।

ଯଦି ଏହି ଅବଧିରେ ଆତ୍ମାର ଜ୍ଞାନ ହୋଇଥାନ୍ତା ତ ଜରାବସ୍ଥା ଏକ ଉତ୍ସବ ହୋଇଥାନ୍ତା ଏବଂ ମୃତ୍ୟୁର ଭୟ ବି ରହି ନ ଥାନ୍ତା, ଏହା ସହିତ ବଞ୍ଚି ଥାଉ ଥାଉ ବ୍ୟକ୍ତି ସେହି ଆତ୍ମତତ୍ତ୍ୱକୁ ପାଇଯାଇଥାନ୍ତା, ଯାହା ପରେ ପୂରା ଜୀବନ ଆନନ୍ଦ ସ୍ୱରୂପ ହୋଇ ଯାଇଥାନ୍ତା । ବାସ୍ତବରେ ଜଣେ ବ୍ୟକ୍ତି ସଂସାରରେ ନାନା ସୁଖ-ଭୋଗ, ସାଧନ-ସମ୍ପତ୍ତି ଓ ଐଶ୍ୱର୍ଯ୍ୟର ଯେଉଁ ସଂଗ୍ରହ କରିଥାଏ, ତାହା ପଛର ଉଦ୍ଦେଶ୍ୟ ରହିଥାଏ ଆନନ୍ଦ ପ୍ରାପ୍ତି, କିନ୍ତୁ ଏହାକୁ କିଏ ଉପଲବ୍ଧ କରିପାରେ- ଏହା ବିଚାରଣୀୟ ।

ସୁଖ ଭୋଗରେ ଆକଣ୍ଠ ବୁଡ଼ି ରହି ବଡ଼ରୁ ବଡ଼ ପଦକୁ ପାଇ ବା ଅମାପ ଧନ ସମ୍ପତ୍ତିର ବୈଭବଶାଳୀ ଜୀବନ ପରେ ବି କ'ଣ ବ୍ୟକ୍ତି ବାସ୍ତବରେ ସୁଖୀ ହୋଇପାରେ ? ଆନନ୍ଦର ଲକ୍ଷ୍ୟ କ'ଣ ପୂରଣ ହୋଇଯାଏ ? ଏହାର ଉତ୍ତର ଖୋଜିଲେ ଅଧିକାଂଶ ଉତ୍ତର 'ନା'ରେ ମିଳିଥାଏ । ଯଦି ଏଗୁଡ଼ିକରେ କିଛି ସାର ତତ୍ତ୍ୱ ଥାଆନ୍ତା ତ ଏତେ ସବୁ ଧନକୁବେର କାହିଁକି କନ୍ଦାକଟା କରୁଥାନ୍ତେ, ନିଦ ପାଇଁ ନିଦବଟିକା ଖାଉଥାନ୍ତେ, ନିଜର ମାନସିକ ଉପଚାର ପାଇଁ ମନଃଚିକିତ୍ସକଙ୍କ ପାଖକୁ ଧାଉଁଥାନ୍ତେ ତଥା ଜୀବନରେ ସୁଖ-ଶାନ୍ତି-ଆନନ୍ଦ ପାଇଁ ସାଧୁ- ଫକିରମାନଙ୍କୁ ଖୋଜୁଥାନ୍ତେ ?

ଏଭଳି ବାସନାର ଅଗ୍ନିରେ ନିଜ ଜୀବନର ଆହୁତି ଦେଇ ତୃପ୍ତି ଓ ସ୍ଥାୟୀ ସୁଖ-ଶାନ୍ତି କାହାକୁ ପ୍ରାପ୍ତ ହୋଇଛି ? ପଶ୍ଚିମ ଜଗତ ସୁଖଭୋଗ ଓ ବାସନାର ଝଡ଼ରେ ଅସଫଳ ଅନ୍ୱେଷଣର ଶିଖରରେ ପହଞ୍ଚି ଅଧ୍ୟାତ୍ମ ପ୍ରତି ଉନ୍ମୁଖ ହୋଇଛି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଯଦି ଇନ୍ଦ୍ରିୟ ଭୋଗଗୁଡ଼ିକରେ ଆନନ୍ଦ ଥାଆନ୍ତା ତ ତାହା ସେଥିରେ ବୁଡ଼ି ରହନ୍ତା । ଏବେ ଆମର ସମାଜ ସୁଖଭୋଗର ଏହି ଝଡ଼ ମଧ ଦେଇ ଗତି କରୁଛି । ଏହିପରି ନାମର ନିଶା, ମହତ୍ତ୍ୱକାଂକ୍ଷାର ଫୋଟକା ମଧ ଆଜିକାଲି ଫୁଟୁଛି । ଯେଉଁ ପ୍ରଭାବ– ପ୍ରତିଷ୍ଠା ପଦରେ ରହିବା ପର୍ଯ୍ୟନ୍ତ ଥାଏ, ଅବସର ନେବା ମାତ୍ରେ ତାହା ଗାଏବ ହୋଇଯାଏ- ତେଣିକି ଯିଏ ଯେକୌଣସି ପ୍ରକାର ପଦର ଶିଖରରେ ବସିଥାଉ ନା କାହିଁକି ?

ବଡ଼ରୁ ବଡ଼ ପଦାଧିକାରୀ ମଧ ସ୍ଥାୟୀ ଶାନ୍ତି, ଆନନ୍ଦ ଓ ଜୀବନର ସଠିକ ଦିଶାବୋଧର ଅନ୍ୱେଷଣରେ ସାଧୁ-ସନ୍ଥ, ଫକିର ଏବଂ କୌଣସି ସମର୍ଥଙ୍କ ଆଶୀର୍ବାଦର ଆକାଂକ୍ଷା ରଖନ୍ତି । ମନୁଷ୍ୟ ବାସନା, ତୃଷ୍ଣା, ଲୋକୈଷଣାର ଛଳନା ଗୁଡ଼ିକରେ ଦିନରାତି କାହିଁକି ଧାଁ–ଦଉଡ଼ କରିଥାଏ ? ଏହାର ଦୁଇଟି କାରଣ ଅଛି- ପ୍ରଥମରେ ଯେବେ ସେ ଦିନରାତି ଏଗୁଡ଼ିକୁ ଲକ୍ଷ୍ୟ କରି ଏଗୁଡ଼ିକର ଚିନ୍ତନ-ମନନ ଓ ଧ୍ୟାନ କରିଥାଏ ତ ସ୍ୱାଭାବିକ ରୂପେ ଏଗୁଡ଼ିକ ପ୍ରତି ଆସକ୍ତି, ମମତା ତଥା ମୋହ ହୋଇଯାଏ । ଧୀରେ ଧୀରେ ଏଗୁଡ଼ିକର ଅଭ୍ୟାସ ଏତେ ଦୃଢ଼ ହୋଇଯାଏ ଯେ ଏଗୁଡ଼ିକ ନାଗପାଶ ଭଳି ଛାଡ଼ିବାର ନାଁ ଧରେ ନାହିଁ । ମନେହୁଏ ଏହା ହିଁ ଜୀବନର ସାର, ଏହା ବିନା ଜୀବନ ସମ୍ଭବ ନୁହେଁ ।

ଏହିପରି ଯୁଗ ଯୁଗ, ଜନ୍ମ ଜନ୍ମ ପର୍ଯ୍ୟନ୍ତ ଏହି ଅଭ୍ୟାସ ଛାଡ଼ିଯିବାର ନାଁ ଧରେ ନାହିଁ । ଏହା ସ୍ୱଭାବ ହୋଇଯାଏ, ସଂସ୍କାର ରୂପେ ଚିତ୍ତର ଗଭୀରତାରେ ନିଜର ଚେର ମାଡ଼ି ରହିଥାଏ । ବୁଦ୍ଧି ଦ୍ୱାରା ଏଗୁଡ଼ିକୁ ଦୂରେଇବା କଥା ବୁଝିହେଲେ ମଧ ମନ ଭିତରେ ଏଗୁଡ଼ିକର ଇଚ୍ଛା, କାମନା ଓ ରସ ଲାଗି ରହିଥାଏ । ଦ୍ୱିତୀୟରେ, ମନ ଓ ସଂସାରର ମାୟାର ଉର୍ଦ୍ଧ୍ୱରେ ଯେଉଁ ଅବିନାଶୀ, ସତ୍-ଚିତ୍-ଆନନ୍ଦ ସ୍ୱରୂପ ଆତ୍ମତତ୍ତ୍ୱ ରହିଛି, ତାହାର ପରିଚୟ ହୋଇପାରେ ନାହିଁ । ଯାହାକୁ କେହି ଜାଣେ ନାହିଁ, ତାହା ପ୍ରତି ଆକର୍ଷଣର ପ୍ରଶ୍ନ ହିଁ ଉଠୁ ନାହିଁ । ଆକର୍ଷଣ ତ ସେଥପ୍ରତି ହୋଇଥାଏ, ଯାହାର କିଛି ଜ୍ଞାନ ଥାଏ, ଯାହା ସହିତ ପରିଚୟ ଥାଏ । ସାଂସାରିକ ଭୋଗ ଓ ବୈଭବର ଉର୍ଦ୍ଧ୍ୱରେ ବି କୌଣସି ଆନନ୍ଦ ଅଛି, ଯଦି ଏହି ବିଶ୍ୱାସ ଜାଗ୍ରତ ହୋଇଯାଏ ତ ବ୍ୟକ୍ତି ସେଥିପ୍ରତି ଆକର୍ଷିତ ହୋଇ ସେହି ଦିଗରେ ପାଦ ବଢ଼ାଏ । ଦୁଇଟି ଜିନିଷ ମଧ୍ୟରୁ ଯେଉଁଟି ମନୁଷ୍ୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ ତାହାକୁ ଚୟନ କରିବା ମାନବୀୟ ସ୍ୱଭାବ ହୋଇଥାଏ ।

ସାଂସାରିକ ସୁଖ-ବୈଭବ ସାମନାରେ ରହିବା ଓ ପ୍ରତ୍ୟକ୍ଷ ହେବା ତଥା ତାହାକୁ ପାଇନେବାର ସମ୍ଭାବନା ଦେଖାଯିବା କାରଣରୁ ହିଁ ବ୍ୟକ୍ତି ତାହାକୁ ହସ୍ତଗତ କରିବାକୁ ଚାହିଁଥାଏ ଏବଂ ତାହା ପଛରେ ଧାଇଁଥାଏ, ଯେଉଁଥିରୁ ତାକୁ ଆନନ୍ଦ ମିଳି ପାରିବ, କିନ୍ତୁ ଏହି ପ୍ରୟାସରେ ସେ ଅସଫଳ ହୋଇଥାଏ ଏବଂ ବାରମ୍ବାର ସେହି ପ୍ରୟାସ କରିଥାଏ ।

ଆନନ୍ଦର ଆକାଂକ୍ଷାରେ ତାକୁ କିଛି ସୁଖ ଅବଶ୍ୟ ମିଳିଥାଏ, କିନ୍ତୁ ଆନନ୍ଦ ମିଳି ନ ଥାଏ । ଆତ୍ମଜ୍ଞାନ ନ ହେବା କାରଣରୁ ମାୟାର ଛଳନାରେ ଭ୍ରମିତ ହେବାର ବିବଶତା ରହିଥାଏ ଏବଂ ସାରା ଜୀବନ ଏହି ଦୌଡ଼ରେ ବିତିଯାଏ । ଯୌବନ ସମାପ୍ତ ହେଉ ହେଉ ଜରାବସ୍ଥା ଆସିଯାଏ ତଥା ସଂସାରର ଭୋଗ ଫିକା ପଡ଼ିଯାଏ । ଇଚ୍ଛା ଥିଲେ ବି କାମ ହୋଇପାରେ ନାହିଁ ।

ସେହି ସମୟରେ ଭୋଗୀ ମଧ୍ୟରେ ଏହି ଭୋଗଗୁଡ଼ିକୁ ଭୋଗିବାର କ୍ଷମତା ରହେ ନାହିଁ ଏବଂ ତା ସହିତ ରୋଗ ମଧ ଆସିଯାଏ । ଫଳରେ ସେ ସେଗୁଡ଼ିକର ମିଥ୍ୟା ଆନନ୍ଦ ନେବାର ଯୋଗ୍ୟ ହୋଇ ରହେ ନାହିଁ । ସେତେବେଳେ ସେଗୁଡ଼ିକର ଧ୍ୟାନ ତାକୁ ପଥୁରିଆ ରାସ୍ତା ପରି କଷ୍ଟ ଦେଇଥାଏ । ଯଦି ମନୁଷ୍ୟ ପ୍ରାରମ୍ଭରୁ ହିଁ ସେଗୁଡ଼ିକୁ ଅସାର ମାନି ସେଗୁଡ଼ିକ ପ୍ରତି ଆସକ୍ତି ରଖନ୍ତା ନାହିଁ, ସେଗୁଡ଼ିକର ବ୍ୟସନ ପାଳନ୍ତା ନାହିଁ ତ ଅନେକ ସୀମା ପର୍ଯ୍ୟନ୍ତ ସେ ସେଗୁଡ଼ିକର ଦୁଃଖ, କ୍ଲେଶ ଓ ସନ୍ତାପରୁ ବର୍ତ୍ତିଯାନ୍ତା, କିନ୍ତୁ ଅଜ୍ଞାନତା କାରଣରୁ ସେ ଏପରି କରିପାରେ ନାହିଁ । ଆନନ୍ଦ ପାଇଁ ଯେଉଁ ସାଂସାରିକ ଉପଲବ୍ଧି, ଭୋଗ, ବୈଭବକୁ ସେ ଆଧାର କରିଥାଏ ସେଥିରେ କ୍ଷଣିକ ସୁଖ ସହିତ ତାହାର ଅସ୍ଥିରତା, ବିୟୋଗ ଓ ପରିବର୍ତ୍ତନଶୀଳତା ତଥା ବିନାଶର ସମ୍ଭାବନା ତାକୁ ବ୍ୟାକୁଳ ଓ ଦୁଃଖୀ କରିଥାଏ । ଏହାକୁ ସମ୍ଭାଳି ରଖିବାରେ ପୂରା ଜୀବନ ବିତିଯାଏ ଏବଂ ଦିନେ ସ୍ୱୟଂ ଏହି ଶରୀରକୁ ଛାଡ଼ି ଅଜ୍ଞାତ ଦିଶାରେ ଚାଲିଯିବାର ପାଳି ଆସିଯାଏ । ଯେଉଁଗୁଡ଼ିକୁ ନିଜର ନିର୍ବୋଧତାରେ ସେ ସତ୍ୟ ମାନି ବସିଥିଲା, ସେଗୁଡ଼ିକ ହିଁ ସ୍ୱପ୍ନ ଭଳି ଅସତ୍ୟ ପ୍ରମାଣିତ ହୁଏ ଏବଂ ସେଗୁଡ଼ିକ ମଧ୍ୟରେ ଆଭାସିତ ଆନନ୍ଦ କୃତ୍ରିମ ପ୍ରକାଶ ଭଳି ବାହାରି ଥାଏ । ଠିକ୍ ସମୟରେ ବୋଧ ନ ହୋଇ ପାରିବା କାରଣରୁ ଶେଷରେ ବିଷାଦର ସଘନ ଅନ୍ଧକାର ହିଁ ନିୟତି ହୋଇଯାଏ ଏବଂ ତାପରେ ମୁଣ୍ଡ ପିଟିବା ଓ ପଶ୍ଚାତ୍ତାପ କରିବା ବ୍ୟତୀତ କିଛି ବାକି ରହେ ନାହିଁ ।

ଜୀବନର ମର୍ମଜ୍ଞ ଋଷିଗଣ ସଂସାରର ନଶ୍ୱର ସୁଖ ଓ ସିଦ୍ଧିଗୁଡ଼ିକର ଉର୍ଦ୍ଧ୍ୱରେ ଅବିନାଶୀ ଏବଂ ପରିବର୍ତ୍ତନଶୀଳ ଶାଶ୍ୱତ ଆନନ୍ଦର ସ୍ରୋତ ଆତ୍ମାକୁ ଖୋଜିବା ଓ ପାଇବାର ମହତ୍ତ୍ୱ ଶାସ୍ତ୍ରଗୁଡ଼ିକରେ ପଦେ ପଦେ ପ୍ରତିପାଦନ କରିଥିଲେ । ଆତ୍ମା ସତ୍ୟ, ନିତ୍ୟ, ଜ୍ୟୋତିସ୍ୱରୂପ ଓ ଆନନ୍ଦମୟ । ତାହାକୁ ପାଇନେବା ପରେ ଆଉ କିଛି ପାଇବା ବାକି ରହେ ନାହିଁ ଏବଂ ତାହାକୁ ଜାଣିନେବା ପରେ ଆଉ କିଛି ଜାଣିବାକୁ ରହେ ନାହିଁ । ମନୁଷ୍ୟର ପୁରୁଷାର୍ଥର ସାର୍ଥକତା ସୁଖର ଅନାବଶ୍ୟକ ଉପଭୋଗରେ ନାହିଁ, ବରଂ ଆତ୍ମାକୁ ପ୍ରାପ୍ତ କରିବାର ପ୍ରୟାସରେ ରହିଛି ।

ବାସ୍ତବରେ ସଂସାର ଓ ଏହାର ଯେଉଁ ସୁଖ, ସୌନ୍ଦର୍ଯ୍ୟ ତଥା ବୈଭବ ଆମକୁ ବାହାରେ ପ୍ରତୀତ ହୋଇଥାଏ, ତାହାର ମଧ ନିଜର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ତାହା ଆତ୍ମାର ଆଧାରରେ ଏଭଳି ପ୍ରତୀତ ହୋଇଥାଏ, ଯାହା ଜୀବନର ପରମ ସତ୍ୟ ଅଟେ । ଆତ୍ମାର ପ୍ରକାଶ କାରଣରୁ ହିଁ ଏହି ଜୀବନ ଓ ଜଗତର ବିସ୍ତାର ଆଭାସିତ ହୋଇଥାଏ । ଆତ୍ମାର ପଟଳରେ ହିଁ ଏ ସଂସାର ଓ ଜୀବନର ଛାୟା ନାଟକର ଭଙ୍ଗାଗଢ଼ା ହୋଇଥାଏ । ସଂସାର ଅନ୍ୟ କିଛି ନୁହେଁ, କେବଳ ଆତ୍ମାର ଅଭିବ୍ୟକ୍ତି ମାତ୍ର । ଏହାଠାରୁ ଭିନ୍ନ ଯାହା କିଛି ଅଛି, ତାହା ଅସତ୍ୟ, ଭ୍ରମପୂର୍ଣ୍ଣ ଓ ଅଗ୍ରାହ୍ୟ ଅଟେ । ବେଦ-ଉପନିଷଦ୍, ଗୀତା ଓ ଅଧ୍ୟାତ୍ମ ଶାସ୍ତ୍ରର ମହାବାକ୍ୟ ଗୁଡ଼ିକରେ ଏହି ପ୍ରତିପାଦନ ମିଳିଥାଏ । 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂ ଗମୟ' ଦ୍ୱାରା ସଂସାରରୁ ଉର୍ଦ୍ଧ୍ୱକୁ ଉଠି ଆତ୍ମା ଦିଗରେ ଅଗ୍ରସର ହେବାର ଆବାହନ କରାଯାଇଛି, କାରଣ ଜ୍ୟୋତିସ୍ୱରୂପ ଆତ୍ମା ହିଁ ଶିବରୂପ, ଅମୃତ ସ୍ୱରୂପ, ତାତ୍ତ୍ୱିକ ରୂପେ ସ୍ୱୟଂ ପରମାତ୍ମା, ବ୍ରହ୍ମ ଅଟେ ।

ଏହି କଲ୍ୟାଣକାରୀ ଆତ୍ମା ହିଁ ପ୍ରାପ୍ୟ ଏବଂ ଆତ୍ମଜ୍ଞାନର ପ୍ରାପ୍ତି ଏହି ମନୁଷ୍ୟ ଜୀବନର ସର୍ବୋପରି ଲକ୍ଷ୍ୟ । ମନୁଷ୍ୟ କେବଳ ଆବଶ୍ୟକତା ଥିବା ସାଂସାରିକ କର୍ତ୍ତବ୍ୟ କର୍ମଗୁଡ଼ିକୁ କରିବା ଏବଂ ବାକି ସମୟକୁ ଆତ୍ମାନୁସନ୍ଧାନରେ ଲଗାଇବାରେ ବିବେକଶୀଳତା ରହିଛି ।

## ଆଜିର ଚିନ୍ତନ

ଏକଦା ସମ୍ରାଟ ଅଶୋକ ଶୋଭାଯାତ୍ରାରେ ଯାଉଥାନ୍ତି । ସମ୍ରାଟଙ୍କ ଜୟଜୟକାରରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠୁଥାଏ । ସମ୍ରାଟଙ୍କ ଚତୁରଙ୍ଗ ସେନା (ଗଜ, ହସ୍ତୀ, ରଥ, ପଦାତିକ) ଶୋଭାଯାତ୍ରାର ଅଗ୍ରଭାଗରେ ଯାଉଥାନ୍ତି । ଶୋଭାଯାତ୍ରା ଯାଉଥିବା ସମୟରେ ସମ୍ମୁଖ ଦିଗରୁ ଆସିଥାନ୍ତି ଜଣେ ସନ୍ଥ । ତାଙ୍କୁ ଦେଖିବା ମାତ୍ରେ ସମ୍ରାଟ ରଥରୁ ଓହ୍ଲାଇ ଆସି ତାଙ୍କର ପାଦ ଛୁଇଁ ପ୍ରଣାମ କରିଥିଲେ । ଏହି ଦୃଶ୍ୟ ଦେଖି ସମ୍ରାଟଙ୍କ ସାଥିରେ ଥିବା ଜଣେ ମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଜଣେ ଚକ୍ରବର୍ତ୍ତୀ ସମ୍ରାଟ ରାସ୍ତାରେ ଯାଉଥିବା ସନ୍ଥଙ୍କ ପାଦଛୁଇଁ ପ୍ରଣାମ କରିବା ତାଙ୍କୁ ଭଲ ଲାଗି ନ ଥିଲା । ଅନ୍ୟଦିନ ମଉକା ଦେଖି ସମ୍ରାଟଙ୍କୁ ପଚାରିଥିଲେ- ଆପଣ ଚକ୍ରବର୍ତ୍ତୀ ସମ୍ରାଟ । ଆପଣଙ୍କ ପାଦତଳେ କେବଳ ସାଧାରଣ ଜନତା ନୁହନ୍ତି, ବଡ଼ବଡ଼ ରାଜା ମହାରାଜା ମଥାପାତି ପ୍ରଣାମ କରିଥାନ୍ତି । ହେଲେ ଆପଣ ଜଣେ ସାଧାରଣ ସନ୍ଥଙ୍କ ଚରଣରେ ମୁଣ୍ଡ ନୁଆଁଇବା ଶୋଭାଜନକ ବୋଧ ହେଲା ନାହିଁ ।

ମନ୍ତ୍ରୀଙ୍କ କହିବା ଉଦ୍ଦେଶ୍ୟ ସମ୍ରାଟ ବୁଝି ପାରିଥିଲେ । ଦୃଢ଼ତାର ସହ କହିଥିଲେ- ଏଥିରେ କିଛି ଭୁଲ କରିନି ମୁଁ । ସମ୍ରାଟଙ୍କ ଏଭଳି ଉକ୍ତିରେ ମନ୍ତ୍ରୀ କହିଥିଲେ, ଯଦି ସାଧୁସନ୍ଥଙ୍କ ପ୍ରତି ଆପଣଙ୍କ ଏତେ ଆଦରଭାବ, ତା'ହେଲେ ଆଦେଶ ଦିଅନ୍ତୁ, ଆପଣଙ୍କ ସାମ୍ରାଜ୍ୟରେ ଥିବା ସକଳ ସାଧୁସନ୍ଥଙ୍କୁ ରାଜଦରବାରକୁ ଆମନ୍ତ୍ରଣ କରାଯାଇ ସମ୍ମାନିତ କରାଯିବ । ଏହା ଦ୍ୱାରା ଆପଣଙ୍କ ଯଶ ବୃଦ୍ଧି ପାଇବ । ହେଲେ ଯାହାଙ୍କ ଚରଣରେ ଆମର ମସ୍ତକ ନତ ହେଉଛି ତାଙ୍କ ମସ୍ତକ ଆଉ କାହାର ଚରଣରେ ନତ ହେଉ- ଏହା ମୁଁ ସ୍ୱୀକାର କରିପାରୁନି ।

ମନ୍ତ୍ରୀଙ୍କର ପ୍ରକୃତ ମନୋଭାବ ସମ୍ରାଟ ଜାଣିପାରି ଏହାର ତର୍କ ସମ୍ମତ ଉତ୍ତର ନ ଦେଇ ଠିକଣା ସମୟର ପ୍ରତୀକ୍ଷା କରିବାକୁ ଉପଯୁକ୍ତ ମଣିଥିଲେ । ସେଦିନ ସମ୍ରାଟ କୁକ୍କୁଟ, ଠେକୁଆ, ମାଛ, କୁମ୍ଭୀର, ସିଂହ ଇତ୍ୟାଦି କିଛି ଜୀବଙ୍କର ଶରୀରବିହୀନ ମସ୍ତକ ସହ ଏକ ମଣିଷର ମୁଣ୍ଡ ମଗାଇ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯାଅ, ଜଣେ କର୍ମଚାରୀଙ୍କ ସହାୟତା ନେଇ ଏ ସବୁକୁ ବିକ୍ରି କରି ଆସ । ମନ୍ତ୍ରୀ ଆକଳନ କରି ପାରିଲେନି, ଏଭଳିର ଅଦ୍ଭୁତ ଆଦେଶ ଦେବା ମୂଳରେ ସମ୍ରାଟଙ୍କର କି ଉଦ୍ଦେଶ୍ୟ ନିହିତ ଅଛି । ବଜାର, ଗଳି, କନ୍ଦି, ମହଲା ବୁଲି ସନ୍ଧ୍ୟାକୁ ଫେରି ଆସିଥିଲେ । ଫେରିବା ପରେ ମହାରାଜାଙ୍କୁ ସମାଚାର ଜଣାଇଥିଲେ- ସକଳ ମୁଣ୍ଡ ବିକ୍ରି ହୋଇଗଲା କେବଳ ମଣିଷର ମସ୍ତକ ଛଡ଼ା । କେହି ଏହା ଚାହୁଁ ନଥିବା ଜଣାଇଥିଲେ ସମ୍ରାଟଙ୍କୁ ।

ସମ୍ରାଟ ଏହା ଶୁଣି କହିଥିଲେ ଯଦି ଖରିଦ୍ଦର ମିଳୁନାହାନ୍ତି, ତେବେ ଏହାକୁ ମାଗଣାରେ ଦେଇଦିଅନ୍ତୁ । ମନ୍ତ୍ରୀ ମାଗଣାରେ ଦେବାକୁ ଚେଷ୍ଟା କରି ନିରାଶ ହୋଇ ଫେରିଥିଲେ ପରଦିନ । ଏଥର ରାଜା ହୁକୁମ ଦେଇଥିଲେ ଏହାକୁ କାହାକୁ ବି ପ୍ରଲୋଭିତ କରି କିଛି ଅର୍ଥ ସହିତ ଦେଇ ଦିଅନ୍ତୁ । ମନ୍ତ୍ରୀ ଅର୍ଥର ପ୍ରଲୋଭନ ଦେଖାଇ ମଧ ନିରାଶ ହୋଇ ଫେରିଥିଲେ । ଏଥର ସମ୍ରାଟ ମନ୍ତ୍ରୀଙ୍କୁ କହିଥିଲେ ଏବେ ତୁମେ ବୁଝିପାରୁଥିବ ଶରୀରହୀନ ମାନବ ମୁଣ୍ଡର ମହତ୍ତ୍ୱ କେତେ ? ମାଗଣାରେ ନେଲେନି, କିଛି ଅର୍ଥ ରାଶି ସହ ଏହାକୁ ଦେବାକୁ ଚାହିଁଲେ ବି କେହି ନେଲେନି । ଆଉ ଜୀବିତାବସ୍ଥାରେ ଏଇ ମସ୍ତକ ଯୋଗୀ, ସାଧୁ ସନ୍ଥ, ମହାତ୍ମାଙ୍କ ଚରଣରେ ନତ ହେବା ତ ଏହାର ସୁ-ଉପଯୋଗ । ମାନବର ମସ୍ତକ, ତାହା ସମ୍ରାଟଙ୍କର ହେଉ ବା ଦୁଃଖୀରଙ୍କିଙ୍କର ହେଉ, ମୃତ୍ୟୁ ପରେ ତା'ର କିଛି ବି ମୂଲ୍ୟ ନଥାଏ । ବଞ୍ଚିଥିବାବେଳେ ସେହି ମସ୍ତକ ସାଧୁ, ସନ୍ଥଙ୍କ ଭଳି ପ୍ରତିଭାବାନଙ୍କ ଚରଣରେ ନତ ହେଲେ ଭୁଲ ରହିଲା କେଉଁଠି ?

# ଶରୀର ପାଇଁ ଉପକାରୀ ଜିରା

**ଜି**ରା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରିଥାଏ ତାହା ନୁହେଁ, ଏଥିରେ ଭରି ରହିଥିବା ବହୁ ଔଷଧୀୟ ଗୁଣ ଅନେକ ରୋଗରୁ ମଧ ଆମକୁ ମୁକ୍ତି ଦେଇଥାଏ । ବିଶେଷକରି ଗ୍ୟାସ୍ ହୋଇ ପେଟ ଫୁଲିଥିଲେ କିମ୍ବା ଆମ୍ବିଳା ହେକୁଟି ହେଉଥିଲେ କିଛି ଜିରାକୁ ଚୋବାଇ ଉଷୁମ ପାଣି ପିଇଦେଲେ ବେଶ୍ ଆରାମ ମିଳିଥାଏ । କେବଳ କଞ୍ଚା ଜିରା କାହିଁକି ଭଜା ଜିରାର ଗୁଣ୍ଡକୁ ବି ସେବନ କଲେ ଅନେକ ଉପକାର ମିଳେ । ଯଦି ଥଣ୍ଡା ହୋଇ ବାରମ୍ବାର ଛିଙ୍କ ହେଉଥାଏ, ତା'ହେଲେ ଜିରା ଗୁଣ୍ଡକୁ ଏକ କପଡ଼ାରେ ବାନ୍ଧି ବାରମ୍ବାର ଶୁଙ୍ଘିଲେ ଛିଙ୍କ ବନ୍ଦ ହୋଇ ଯାଇଥାଏ ବୋଲି ଏକ ପରୀକ୍ଷଣରୁ ଜଣାପଡ଼ିଛି । ସେହିପରି ପାଚନ ତନ୍ତ୍ର ଦୁର୍ବଳ ହୋଇ ଯାଉଥିଲେ ଭଜା ଜିରାର ଗୁଣ୍ଡକୁ କିଛି ଦିନ ସେବନ କଲେ ଅନେକ ଉପକାର ମିଳେ । କାରଣ ଏଥିରେ ଆଣ୍ଟିଅକ୍ସିଡାଣ୍ଟର କିଛି ଗୁଣ ରହିଛି । ମୁଣ୍ଡବିନ୍ଧା ହେଉଥିଲେ ଜିରା ଗୁଣ୍ଡରେ କିଛି ମିସିରି ମିଶାଇ ଖାଇଲେ ବି ଅନେକାଂଶରେ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ । କେବଳ ଏତିକି ନୁହେଁ, ଚୁଟି ଝଡୁଥିଲେ କିମ୍ବା କୃମି ହେଉଥିଲେ ଅଥବା ଶରୀରରେ ରକ୍ତର ପରିମାଣ କମ୍ ଥିଲେ ଜିରା ଗୁଣ୍ଡକୁ ସେବନ କରିବା ବି ଶରୀରକୁ ଅନେକ ଫାଇଦା ଦେଇଥାଏ ।



ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୪୫, ୦୬ - ୧୨ ନଭେମ୍ବର ୨୦୨୨

# ସଂକଟରେ ବୃକ୍ଷରାଜି

ପୃଥିବୀ ପୃଷ୍ଠର ଜଳବାୟୁ ଓ ପରିବେଶରେ ବିଲକ୍ଷଣ ଦେଖା ଦେବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ଜୀବଜଗତ ଉପରେ ପଡ଼ିଛି । ପ୍ରତିକୂଳ ପରିବେଶ ଓ ଜଳବାୟୁ ପରିବର୍ତ୍ତନ କେବଳ ମଣିଷ ବା ଜୀବଜନ୍ତୁ ନୁହେଁ, ବୃକ୍ଷରାଜିକୁ ମଧ ପ୍ରଭାବିତ କରିଛି । ଦିନକୁ ଦିନ ଓଡ଼ିଶାର ବିଭିନ୍ନ ଜଙ୍ଗଲରୁ ଖାଲି ହେଉଛି ଜୈବ ସମ୍ପଦ । ଅରଗୁଣା, ପାତାଳ ଗରୁଡ଼ ପରି ବିରଳ ଔଷଧୀୟ ବୃକ୍ଷରାଜି ଧୀରେ ଧୀରେ ଅଦୃଶ୍ୟ ହେବାରେ ଲାଗିଛି । ଏକ ରିପୋର୍ଟ ଅନୁସାରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ପ୍ରାୟତଃ ୩୨ ପ୍ରକାର ଉଦ୍ଭିଦ ଅତି ସଙ୍କଟଜନକ ସ୍ଥିତିରେ ପହଞ୍ଚି ସାରିଲେଣି । ଅନୁରୂପ ଭାବରେ ନିଃଶେଷ ହେବା ପୂର୍ବରୁ ଜିଇଁବା ପାଇଁ ୪୮ ପ୍ରକାର ଉଦ୍ଭିଦ ସଂଘର୍ଷ କରୁଛନ୍ତି । ରାଜ୍ୟ ଜୈବ ବିବିଧତା ବୋର୍ଡ଼ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ରାଜ୍ୟରେ ସମୁଦାୟ ୫୧୭୪ ଉଦ୍ଭିଦ ମଧ୍ୟରୁ ୧୫୮ ପ୍ରକାର ଉଦ୍ଭଦଙ୍କ ସ୍ଥିତି ଖରାପ ଅବସ୍ଥାରେ ରହିଛି । ସେଥିମଧ୍ୟରୁ ୩୨ ପ୍ରକାର ଉଦ୍ଭିଦ ଲୋପ ପାଇବାକୁ ବସିଲାଣି । ଲୋଧା, ଅଶୋକ, ଏରିଆ ମେଘାସିନି ଏନସିସ୍, ହାବିନାରିଆ ପାଣିଗ୍ରାହିଆନା, ତ୍ରି-ଫେ୍ନ (ଆଲସୋଫିଲ ଜାଇଗାନ୍‌ଷ୍ଟିଆ) ତିଳେଇ, ଅରଗୁଣା, ସାଇକସ୍ ନୟାଗଡ଼ ଏନସିସ, ପାତାଳ ଗରୁଡ଼ ଆଦି । ସେହିପରି ବିଡ଼ଙ୍ଗ, ବାଇବିଡ଼ଙ୍ଗ ଭଳି ୪୮ ପ୍ରକାର ବୃକ୍ଷଲତା ଏବେ ସଙ୍କଟାପନ୍ନ ଅବସ୍ଥାକୁ ଆସିଗଲେଣି । ପ୍ରାୟତଃ ୪୧ ପ୍ରକାର ଔଷଧୀୟ ଉଦ୍ଭଦଙ୍କ ସ୍ଥିତି ଏକପ୍ରକାର ଅଦୃଶ୍ୟ ହେବାକୁ ବସିଲାଣି । ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଥିବା ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ନ ହେବା ପଛରେ ତିନୋଟି କାରଣକୁ ଦାୟୀ କରାଯାଉଛି । ଜୈବ ସମ୍ପଦ ତଥା ଉଦ୍ଭିଦମାନଙ୍କର ପ୍ରକୃତ ତଥ୍ୟ, ସ୍ଥିତି, ଠିକଣା ଓ ସଂଖ୍ୟାର ଆକଳନ ଏ ଯାଏଁ ଠିକ ଭାବେ କରାଯାଇ ପାରିନି । ଦ୍ୱିତୀୟତଃ, ଏହି ଜୈବ ସମ୍ପଦକୁ ବ୍ୟବହାର କରୁଥିବା ଲୋକମାନଙ୍କୁ ଚିହ୍ନଟ କରାଯାଇପାରନି ଓ ସେମାନେ ଏସବୁ ଜୈବ ସମ୍ପଦକୁ କେଉଁ କାମରେ ଲଗାଉଛନ୍ତି ତାହାର ତଥ୍ୟ ସଂଗ୍ରହ କରାଯାଇପାରିନି । ତୃତୀୟତଃ, ସେହି ପାରମ୍ପରିକ ଲୋକମାନଙ୍କୁ ସ୍ୱୀକୃତି ନ ମିଳିବା ଯୋଗୁଁ ଜୈବ ବିବିଧତାର ସଂରକ୍ଷଣ କ୍ଷେତ୍ରରେ ବାଧକ ହେଉଛି । ତେଣୁ ବର୍ତ୍ତମାନ ସମୟରେ ଜୈବ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ପାଇଁ ପାରମ୍ପରିକ ଜ୍ଞାନ କୌଶଳର ବ୍ୟବହାର ସମ୍ପର୍କିତ ତଥ୍ୟ ରହିବା ଦରକାର । ଅନୁରୂପ ଭାବରେ ଜୈବ ସମ୍ପଦର ସଙ୍କଟାପନ୍ନ ଅବସ୍ଥାକୁ ଆଖି ଆଗରେ ରଖି ନିକଟରେ ଓଡ଼ିଶା ଜୈବ ବିବିଧତା ବୋର୍ଡ଼ ସ୍ୱତନ୍ତ୍ର ଆକ୍ସନପ୍ଲାନ ପ୍ରସ୍ତୁତ କରିଛି । ଯାହାଦ୍ୱାରା କି ୭୨୫୬ ଗ୍ରାମପଞ୍ଚାୟତରେ ଜୈବ ବିବିଧତା ପରିଚାଳନା କମିଟି ଗଠନ କରାଯାଇଛି । ଆସନ୍ତା ଦିନରେ ବୋର୍ଡ଼ ଏ ବିଷୟରେ ସ୍ଥାନୀୟ ଲୋକଙ୍କୁ ତାଲିମ ଦେବ । ୧୯ଟି ବନ୍ୟପ୍ରାଣୀ ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ଗୋଟିଏ ପ୍ରସ୍ତାବିତ ଜାତୀୟ ଉଦ୍ୟାନ, ଦୁଇଟି ବ୍ୟାଘ୍ର ଅଭୟାରଣ୍ୟକୁ ମିଶାଇଲେ ରାଜ୍ୟର ଭୌଗୋଳିକ ମାନଚିତ୍ରରେ କେଳବ ୫.୩୭ % ଅଞ୍ଚଳରେ ଜୈବ ବିବିଧତା ସମ୍ପଦ ସଂରକ୍ଷିତ ରହିଛି । ସରକାରୀ ତଥ୍ୟ କହୁଛି, ରାଜ୍ୟରେ ୫୧୭୪ ପ୍ରଜାତିର ଉଦ୍ଭିଦ ରହିଛି । ୭୫୦ ପ୍ରଜାତିର ଔଷଧୀୟ ଉଦ୍ଭିଦ, ୩୦୦ ପ୍ରଜାତିର ଜଙ୍ଗଲୀ ଶସ୍ୟ, ୪୦୦ ପ୍ରଜାତିର ଅର୍ନାମେଣ୍ଟାଲ ଗଛ, ୩୦୦ ପ୍ରଜାତିର ଜଙ୍ଗଲୀ ଫଳ ଓ ପନିପରିବା ଗଛ, ମୂଲ୍ୟବାନ କାଠ ଯୋଗାଉଥିବା ୨୦୦ ପ୍ରଜାତିର ଗଛ ଆର୍ଦ୍ରଭୂମିରେ ବଢୁଥିବା ୩୦୦ ପ୍ରଜାତିର ଗଛ, ଗୁଳ୍ମ ସହ ରାଜ୍ୟରେ ପ୍ରାୟ ୧ ହଜାର କିସମର ଶସ୍ୟ ରହିଛି । ୩୭୨୮ ପ୍ରଜାତିର ପଶୁପକ୍ଷୀ ଓ ଜୀବ ରହିଛନ୍ତି । ଯାହାକୁ ନେଇ ପରବର୍ତ୍ତୀ ସମୟରେ ଏକ ରାଜ୍ୟସ୍ତରୀୟ ଡାଟାବେସ ପ୍ରସ୍ତୁତ କରାଯିବ । ଯେଉଁଥିରେ ରାଜ୍ୟର ସମସ୍ତ ଜୈବ ସମ୍ପଦ, ଉଦ୍ଭିଦମାନଙ୍କର ତଥ୍ୟ, ସେମାନଙ୍କର ନାମ, ସେମାନଙ୍କର ସ୍ଥିତି ଓ ଲୋକଙ୍କ ଦ୍ୱାରା ସେମାନଙ୍କର ବ୍ୟବହାର ଆଦିର ତଥ୍ୟ ରହିବ । ଆଗକୁ ଯେତେବେଳେ ଜୈବ ସମ୍ପଦର ସ୍ଥିତିକୁ ନେଇ କୌଣସି ପରିବର୍ତ୍ତନ ଆସିବ ସେତେବେଳେ ଏହାକୁ ଭିତ୍ତିକରି ଭବିଷ୍ୟତ ରଣନୀତି ପ୍ରସ୍ତୁତ କରାଯିବ । ପଞ୍ଚାୟତ ସ୍ତରରେ ଏହି କାମକୁ ସରପଞ୍ଚ ତଦାରଖ କରିବେ । ଏହାବାଦ ସବୁ ପଞ୍ଚାୟତରେ ଗୋଟିଏ ଲେଖାଏଁ ବାୟୋଡାଇଭରସିଟି କନଜରଭେସନ ଏରିଆ ତିଆରି କରାଯିବ । ତେବେ ଲଗାଯିବାକୁ ଥିବା ଉଦ୍ଭିଦ ନିଶ୍ଚିତ ଭାବେ ଲୋକଙ୍କ ବ୍ୟବହାରରେ ଲାଗୁଥିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଦରକାର ।

## ମେଥି ରକ୍ତହୀନତା ଦୂର କରେ

ମେଥି ଶାଗ ଖାଇବା ଦ୍ୱାରା ରକ୍ତହୀନତା ଦୂର ହୋଇଥାଏ । ଏହାସହ ମେଥିରେ ମିଳୁଥିବା ଉପାଦାନ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଲାଭ ଦାୟକ । ଏହାଛଡ଼ା କସୁରୀମେଥି ଖାଇବା ଦ୍ୱାରା କୋଲେଷ୍ଟରଲ ଓ ତ୍ୱଚାରୋଗ ଦୂର ହୁଏ । ଘାଆ, ବଥ ଓ ଗଣ୍ଠିରୋଗ ହେଉଥିଲେ ମେଥିକୁ ପେଷ୍ଟ କରି ଲଗାଇବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ । ମେଥିକୁ ନିୟମିତ ଖାଇଲେ ହଜମକ୍ରିୟା ସୂଚାରୁ ରୂପେ ହୋଇଥାଏ । ଏହାସହ ସକାଳୁ ଖାଲି ପେଟରେ ମେଥି ମଞ୍ଜି ଖାଇଲେ କୃମିରୁ ମୁକ୍ତି ମିଳେ ।

# ସମାନ ବିତରଣ

**ମହାତ୍ମା ଗାନ୍ଧୀ**



ସମାନ ବିତରଣ- ମୋ' ଦେଖିବାରେ ଏଇଟି ହେଉଛି କାଲିର ପୃଥିବୀ ପାଇଁ ଦ୍ୱିତୀୟ ବୃହତ୍ ବିଧାନ- ଏଇଟି ଅହିଂସାରୁ ହିଁ ନିଷ୍ପନ୍ନ ହେଉଥିବା ଏକ ଅନୁସିଦ୍ଧାନ୍ତ । ଏହାର ତାତ୍ପର୍ଯ୍ୟ ନୁହେଁ ଯେ, ପୃଥିବୀର ଦ୍ରବ୍ୟ ଓ ସାଧନଗୁଡ଼ିକୁ ଆଖି ବୁଜିଦେଇ ବାଣ୍ଟିଦେବାକୁ ହେବ । ଏହାର ଅର୍ଥ ହେଉଛି, ପ୍ରତ୍ୟେକ ବ୍ୟକ୍ତି ପାଖରେ ତା'ର ସ୍ୱାଭାବିକ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ନିମନ୍ତେ ଯଥେଷ୍ଟ ସମ୍ବଳ ରହିବ । ଏହା ତା'ଠାରୁ ଆଉ ଅଧିକ କିଛିକୁ ଆଦୌ ବୁଝାଏ ନାହିଁ ଓ ଗୋଟିଏ ସ୍ଥୂଳ ଉଦାହରଣ ଦେଇ କହିଲେ, ଯଦି ଜଣେ ବ୍ୟକ୍ତିର ସପ୍ତାହକୁ ପାଏ ଅଟା ଦରକାର ଓ ଆଉ ଜଣକର ପାଞ୍ଚ ସେର ଦରକାର, ତେବେ ଅଙ୍କ କଷିଦେଇ ପ୍ରତ୍ୟେକକୁ କଦାପି ପାଏ କିମ୍ବା ପାଞ୍ଚ ସେର ଅଟା ଦିଆଯିବ ନାହିଁ; ଉଭୟେ ସେମାନଙ୍କର ଅଭାବକୁ ପୂରଣ କରିବାଲାଗି ଅବଶ୍ୟ ସମର୍ଥ ହେବେ ।

ଠିକ୍ ଏହିଠାରେ ହିଁ ଆମେ ସମ୍ଭବତଃ ଆଗାମୀ କାଲିର ପୃଥିବୀକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା କ୍ଷେତ୍ରରେ ସବୁଠାରୁ ଅଧିକ ମୌଳିକ ପ୍ରଶ୍ନଟି ପାଖରେ ଆସି ପହଞ୍ଚିବା । ଏହି ସମାନ ବିତରଣ କିପରି ସମ୍ଭବ ହେବ ? ଏଥିପାଇଁ କ'ଣ ଧନୀମାନଙ୍କଠାରୁ ସେମାନଙ୍କର ସକଳ ସମ୍ପତ୍ତିକୁ ଛଡ଼ାଇ ନିଆଯିବ ?

ଅହିଂସା ଏହି ପ୍ରଶ୍ନଟିର 'ନାହିଁ' ବୋଲି ଉତ୍ତର ଦେବ । ଯେତେ ଯେଉଁଥିରେ ହିଂସା ରହିଛି, ତା' ଦ୍ୱାରା ମନୁଷ୍ୟ ସମାଜର କଦାପି ସ୍ଥାୟୀ କଲ୍ୟାଣ ସାଧିତ ହେବନାହିଁ । ବଳପୂର୍ବକ କାହାଠାରୁ କ'ଣ ଛଡ଼ାଇନେଲେ ତାହା ସମାଜକୁ ବହୁ ମହତ୍ୱପୂର୍ଣ୍ଣ ସମ୍ପଦରୁ ବଞ୍ଚିତ କରି ରଖିବ । ଧନୀ ବ୍ୟକ୍ତି ଧନ ସୃଷ୍ଟି କରି ଜାଣିଥାଏ, ନିର୍ମାଣ କରି ଜାଣିଥାଏ । ତାହାର ସେହି ସାମର୍ଥ୍ୟଗୁଡ଼ିକୁ ହାତରୁ ହରାଇବା ଆଦୌ ଉଚିତ ହେବନାହିଁ । ବରଂ, ତା'ର ଧନ ତା'ପାଖରେ ରହିବ, ଯେପରିକି ସେ ନିଜର ବ୍ୟକ୍ତିଗତ ପ୍ରୟୋଜନଲାଗି ବିବେକ ସମ୍ପନ୍ନ ଭାବରେ ଯାହାକିଛି ଦରକାର କରିବ, ତାହାକୁ ବ୍ୟବହାର କରିପାରିବ । ସିଏ ତା'ପାଖରେ ରହିଥିବା ବାକୀ ଧନର ମାରଫତ୍‌ଦାର ହୋଇ ରହିବ । ସେହି ବାକୀ ଧନ ସମାଜର କଲ୍ୟାଣଲାଗି ଖର୍ଚ୍ଚ ହେବ । ଏଭଳି ବ୍ୟକ୍ତି ସମାଜରେ ଆଗରୁ ଥିଲେ, ଏବେ ମଧ ଅଛନ୍ତି । ମୁଁ ଭାବୁଛି, ଜଣେ ମନୁଷ୍ୟ ଯେମିତି ଆପଣାକୁ ସମାଜର ଜଣେ ସେବକ ବୋଲି ଅନୁଭବ କରିବ, ସମାଜ ନିମନ୍ତେ ଉପାର୍ଜନ କରିବ, ସମାଜ ଲାଗି ଖର୍ଚ୍ଚ କରିବ, ତେବେ ତା'ର ସକଳ ଉପାର୍ଜନକୁ ତଥା ତା'ର ଯାବତୀୟ ବୃତ୍ତି ଓ ବ୍ୟବସାୟକୁ ମଧ ହିତକାରୀ ବୋଲି କୁହାଯିବ ।

ମାତ୍ର, ଅହିଂସାର ଏହି ସମଗ୍ର ଧାରଣାଟି ମନୁଷ୍ୟର ପ୍ରକୃତିରେ ଏକ ପରିବର୍ତ୍ତନକୁ ବୁଝାଉନାହିଁ କି ? ଇତିହାସରେ ଏହିଭଳି କୌଣସି ପରିବର୍ତ୍ତନର ଦୃଷ୍ଟାନ୍ତ ରହିଛି କି ? 'ହଁ ରହିଛି' ବୋଲି ଅତ୍ୟନ୍ତ ନିଶ୍ଚିତଭାବରେ କୁହାଯାଇ ପାରିବ । ବହୁସଂଖ୍ୟକ ବ୍ୟକ୍ତି ସଂକୀର୍ଣ୍ଣ, ଏକାନ୍ତ ବ୍ୟକ୍ତିଗତ ଏବଂ ଲୋଭଦ୍ୱାରା ଅନୁପ୍ରେରିତ ଦୃଷ୍ଟିକୁ ବଦଳାଇ ଏପରି ଏକ ଅନ୍ୟ ମନୋଦୃଷ୍ଟି ଗ୍ରହଣ କରିଛନ୍ତି, ଯାହାକି ସମାଜକୁ ଏକ ସମଗ୍ର ହିସାବରେ ଦେଖିଛି ଓ ସେହି ସମାଜର ହିତ ନିମନ୍ତେ କାର୍ଯ୍ୟ କରିଛି । ଯଦି ଜଣେ ବ୍ୟକ୍ତିର ଜୀବନରେ ଏଭଳି ଏକ ପରିବର୍ତ୍ତନ ସମ୍ଭବ ହୋଇଛି, ତେବେ ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ ସେହି ପରିବର୍ତ୍ତନ ସମ୍ଭବ ହୋଇ ପାରିବ ।

ଆଗାମୀ କାଲିର ପୃଥିବୀରେ ମୁଁ କୌଣସି ଦାରିଦ୍ର୍ୟ, ଯୁଦ୍ଧ, ବିପ୍ଳବ ଏବଂ ରକ୍ତପାତ ରହିଥିବାର ଦେଖିପାରୁ ନାହିଁ ଏବଂ, ଅତୀତ ତୁଳନାରେ ସେହି ପୃଥିବୀରେ ଈଶ୍ୱରଙ୍କ ଉପରେ ଏକ ଅଧିକତର ଏବଂ ଗଭୀରତର ବିଶ୍ୱାସ ରହିବ । ଏକ ବ୍ୟାପ୍ତ ଅର୍ଥରେ ବିଚାର କଲେ, ଧର୍ମ ଉପରେ ଏହି ପୃଥ୍ୱୀର ଅସ୍ତିତ୍ୱ ହିଁ ନିର୍ଭର କରୁଛି । ଧର୍ମକୁ ଉପାଡ଼ି ଫିଙ୍ଗି ଦେବାର ଯାବତୀୟ ପ୍ରତିଷ୍ଠା ବିଫଳ ହିଁ ହେବ ।

କେବଳ ଅହିଂସାର ଆଧାର ଉପରେ ହିଁ ଏକ ବିଶ୍ୱସଂଘର ନିର୍ମାଣ ସମ୍ଭବ ଏବଂ ପୃଥିବୀ ଯାବତୀୟ ବ୍ୟାପାରରେ ହିଂସାକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବାକୁ ପଡ଼ିବ ।

# ବାସ୍ତବିକ ଅଧ୍ୟାତ୍ମ ପଥର ଚିନ୍ତନ

ମନୁଷ୍ୟ ଶରୀର ଦେଖିବାକୁ ଅନ୍ୟ ପ୍ରାଣୀମାନଙ୍କ ଶରୀର ତୁଳନାରେ କିଛି ବିକଶିତ ଦେଖାଯାଏ ନିଶ୍ଚୟ, କିନ୍ତୁ ଯଦି ଧ୍ୟାନର ସହିତ ଦେଖିବା ତ ଏହି ମନୁଷ୍ୟ ଜୀବନର ମୂଲ୍ୟ ଏହି ଶରୀର କାରଣରୁ ନୁହେଁ, ବରଂ ଏଥିରେ ପ୍ରବାହିତ ହେଉଥିବା ଶାଶ୍ୱତ ପ୍ରାଣ ଚେତନା କାରଣରୁ ଅଧିକ ହୋଇଥାଏ, ଏହି ଶରୀର ବଡ଼ ଆଘାତକୁ ସହି ପାରିବା ସ୍ଥିତିରେ ନାହିଁ । ଗୋଟିଏ ଛୋଟିଆ ବିଷାଣୁ ମଧ ଏହାକୁ ଦୟନୀୟ ଭାବରେ ଧ୍ୱସ୍ତ କରିପାରେ, କିନ୍ତୁ ଯେଉଁ କାରଣରୁ ମନୁଷ୍ୟ ଜୀବନକୁ ଦେବଦୁର୍ଲଭ କୁହାଯାଇଛି ଏବଂ ଶାସ୍ତ୍ରଗୁଡ଼ିକରେ ଏହା ମଧ କୁହାଯାଇଛି ଯେ ଏହି ମନୁଷ୍ୟ ଜୀବନକୁ ପାଇବା ପାଇଁ ଦେବତା ମଧ ଲାଳାୟିତ ଥାଆନ୍ତି ତ ସେମାନଙ୍କ ଲାଳସାର କାରଣ ଆମର ଶରୀର ନୁହେଁ, ବରଂ ଆମର ଚେତନା ଅଟେ ।

ଦେବତାମାନଙ୍କ ଶରୀର ଆଦୈବିକ ତତ୍ତ୍ୱରେ ଗଢ଼ା ହୋଇଥାଏ, ସେମାନେ ଆମ ତୁଳନାରେ ଅଧିକ ସମୃଦ୍ଧ, ସୁନ୍ଦର ଓ ପ୍ରକାଶିତ, କିନ୍ତୁ ମାନବୀୟ ଚେତନାର ଗର୍ଭରେ କେଜାଣି ଏଭଳି କେତେ ସିଦ୍ଧି ଓ ବିଭୂତିର ଭଣ୍ଡାର ସୁରକ୍ଷିତ ଅଛି ଯେ ଜଣେ ମନୁଷ୍ୟ ହଜାର ଦେବତାଙ୍କ ଠାରୁ ଅଧିକ ହୋଇପାରେ । ଦେଖିଲେ ମନେହୁଏ ଯେ ସିଦ୍ଧିଗୁଡ଼ିକ ବାହାରୁ କେଉଁଠି ଅବତରିତ ହୋଇଛି, କିନ୍ତୁ ସତ୍ୟ ଏହାର ବିପରୀତ । ଏସବୁ ସିଦ୍ଧି, ବିଭୂତି ତ ମନୁଷ୍ୟର ଭିତରେ ଅଛି, କିନ୍ତୁ ସାଧନାତ୍ମକ ପରିଷ୍କାର ପଥର ଅନୁଗମନ କଲେ ହିଁ ଏସବୁ ମନୁଷ୍ୟକୁ ମିଳିପାରେ ।

ଧ୍ୟାନପୂର୍ବକ ଦେଖିଲେ ସାଧନା ଅନ୍ୟ କୌଣସି ତତ୍ତ୍ୱର ନାମ ନୁହେଁ, ବରଂ ଆମ ନିଜ ଭିତରେ ଉପସ୍ଥିତ ପ୍ରସୁପ୍ତ ଶକ୍ତିଗୁଡ଼ିକର ଜାଗରଣ ସକାଶେ କରାଯାଇଥିବା ପୁରୁଷାର୍ଥର ନାମ ଅଟେ । ଆମେ ନିଜର ବ୍ୟକ୍ତିତ୍ୱକୁ ତ ପାଇଥାଉ, ନିଜର ପାତ୍ରତା ବଢ଼ାଇଥାଉ, ଫଳରେ ପ୍ରକୃତି ଓ ପରମାତ୍ମା ମିଶି ଆମ ଉପରେ ଅନୁଦାନର ବର୍ଷା କରନ୍ତି । ଏହାକୁ ଏହିପରି ଭାବରେ ଆମେ ବୁଝି ପାରିବା ଯେ ଗୋଟିଏ ତାଲା ହେଲେ ଅନ୍ୟଟି ଚାବି । ଉଭୟ ମିଶିଗଲେ ଆମର ସିଦ୍ଧିଗୁଡ଼ିକର ଦ୍ୱାର ଆପେ ଆପେ ଖୋଲି ଯାଏ । ଯେତେବେଳେ ଆମର ଅନ୍ତର୍ଗନ ସାଧନାର ଉର୍ଦ୍ଧ୍ୱରେ ଉର୍ବର ହୋଇଥାଏ, ସେଥିରେ ପାତ୍ରତାର ବୃକ୍ଷ ଲାଗିଥାଏ ତ ସେଥିରେ ସିଦ୍ଧିଗୁଡ଼ିକର ଫଳ ସ୍ୱତଃ ଉତ୍ପନ୍ନ ହେବାରେ ଲାଗେ । ସେହି ସ୍ଥିତିରେ ଦୈବୀ ଶକ୍ତିମାନେ ମଧ ଆମର ସହଯୋଗ କରନ୍ତି, କିନ୍ତୁ ସେଥି ନିମନ୍ତେ ପ୍ରଯତ୍ନ ଓ ପୁରୁଷାର୍ଥ ତ ଆମକୁ ହିଁ କରିବାକୁ ପଡ଼ିଥାଏ ।

ବର୍ତ୍ତମାନ ସମୟରେ ମନେହେଉଛି ଯେ ଲୋକେ ସାଧନାର ଏହି ରାଜମାର୍ଗକୁ ଭୁଲି ଯାଇଛନ୍ତି । ସତ କଥା ହେଲା ସାଧନାରୁ ସିଦ୍ଧି ପ୍ରାପ୍ତ କରିବାର ଏହା ଏକମାତ୍ର ଉପାୟ । ଏହି ପଥରେ କୌଣସି ସର୍ଟକଟ ଉପଲବ୍ଧ ନାହିଁ । ଯଦି କେହି ଭାବୁଥାଏ ଯେ ଚାଉଳ ଫିଙ୍ଗିଦେଇ, ୫ ଟଙ୍କା ଚଢ଼େଇ ଦେଇ, ନଡ଼ିଆ ଭାଙ୍ଗି, ଘଣ୍ଟା ବଜାଇ, ତିଳକ ଲଗାଇ, ବାହ୍ୟ ସୁଆଗ ରଚି ସର୍ବଶକ୍ତିମାନ ଈଶ୍ୱରଙ୍କୁ, ଅନ୍ତର୍ଯାମୀ ପରମାତ୍ମାଙ୍କୁ ମୂର୍ଖ କରିଦେବେ ଏବଂ ସେ ମଧ ବଦଳରେ ଆମକୁ ଏକ ଆଲ୍ଲାଦୀନର କୁହୁକ ଦୀପ ଦେଇଦେବେ ତ ଏହି କପୋଳକଳ୍ପନା ବ୍ୟତୀତ ଅନ୍ୟ କିଛି ନୁହେଁ ।

ସାଧନର, ଅଧ୍ୟାତ୍ମର ଏହି ପଥ ସର୍ବଥା ତପସ୍ୱୀମାନଙ୍କ ପଥ ରହି ଆସିଛି । ଏହି ପଥ ସର୍ବଦା ପରାକ୍ରମୀ, ଶୂରବୀରଙ୍କୁ ଶୋଭା ଦେଇ ଆସିଛି । ଏଭଳି ଛୋଟ କଥା, ଯେଉଁଥିରେ ବ୍ୟକ୍ତି ଭାବେ ଯେ ଦୀପ ଲିଭିଯିବା କୌଣସି ଅନିଷ୍ଟ ଭଳି ଏବଂ ତାହା ଜଳି ଉଠିବ ଚମତ୍କାରର ପ୍ରତୀକ ତ ଏହା ଏକ ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ପିଲାଙ୍କ ମନୋରଞ୍ଜନ ପାଇଁ ଏଭଳି କଥା ଦେଖା ଯାଇପାରେ, ଶୁଣା ଯାଇପାରେ, କିନ୍ତୁ ସେପରି କହି ଏହି ଶାଶ୍ୱତ ସତ୍ୟକୁ ମିଥ୍ୟା କରାଯାଇ ନ ପାରେ ଯେ ଅସଲି ଜୀବନରେ ଅଧ୍ୟାତ୍ମର ପଥ ଏକ ସଂଗ୍ରାମ ଭଳି ।

ବାସ୍ତବିକ ଅଧ୍ୟାତ୍ମ ଓ ଯଥାର୍ଥ ସାଧନା ଏକ ଜୀବନ ସମର ଭଳି । ଏଠାରେ ଦେବତ୍ୱକୁ ପ୍ରାପ୍ତ ହେବା ପାଇଁ ଆସୁରୀ ଶକ୍ତିଗୁଡ଼ିକ ସହିତ ସଂଘର୍ଷ କରିବାକୁ ପଡ଼େ । ଯେଉଁ ଆସୁରୀ ଶକ୍ତିଗୁଡ଼ିକ ପାଇଁ ଏଠାରେ ଇସାରା କରାଯାଉଛି, ତାହା ଅନ୍ୟ କିଛି ନୁହେଁ, ବରଂ ଆମର ଚିତ୍ତ ଉପରେ, ଆମର ଅବଚେତନ ଉପରେ କାଳିମା ରୂପେ ବସିଥିବା ଆମର କୁସଂସ୍କାର ଅଟେ । ଏହି କୁସଂସ୍କାରଗୁଡ଼ିକ ସଫା କରିବା ବିନା ଆମ ଜୀବନରେ ପ୍ରକାଶ ଆସେ ନାହିଁ ଏବଂ ଜୀବନରେ ପ୍ରକାଶ ନ ଆସିବା ପର୍ଯ୍ୟନ୍ତ ଆମକୁ ଶାନ୍ତି ଓ ସନ୍ତୁଳନର ଅନୁ ଭବ ହୋଇ ପାରେ ନାହିଁ ।

ମହର୍ଷି ପତଞ୍ଜଳିଙ୍କ ମତରେ ଆମର ଚିତ୍ତକୁ ଆମେ ନିଜର କର୍ମ ଜଞ୍ଜାଳରୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ଆମର ଚିତ୍ତ ନିର୍ମଳ ହୋଇପାରେ ନାହିଁ । ବାହାରେ ଆପଣ ପ୍ରଯତ୍ନ କଲେ ମଧ ଆପଣଙ୍କ ଜୀବନ ଯଥାବତ୍ ରହିବ । ତେଣୁକରି ଯଦି ଆମେ ଗମ୍ଭୀର ଭାବରେ ଆକଳନ କରିବା ତ ଅନୁଭବ କରି ପାରିବା ଯେ ସମସ୍ତ ଭାରତୀୟ ଅଧ୍ୟାତ୍ମ ଶାସ୍ତ୍ରରେ ଆଧାତ୍ମିକ ପୁରୁଷାର୍ଥର ସନ୍ଦର୍ଭ କର୍ମର ଶୁଦ୍ଧି, ସଂସ୍କାରମୁକ୍ତ, ଚିତ୍ତ ଶୁଦ୍ଧ ହେବା ହୋଇଥାଏ ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

# ସର୍ବେଦ

**ସବ ଅଧାର ଓ୍ୱହ କଓ୍ୱନ ହୈଁ,**
**କୈସା ସହଜ ସ୍ୱରୂପ ।**
**ଚାର ଭେଦ ଗୁଣ କର୍ମ କୋ, ତର୍କ**
**ଯୁକ୍ତି ଓ୍ୱଦ ରୂପ ।।୩୭।।**

ଭାଷ୍ୟ - ସମସ୍ତଙ୍କର ଆଧାର କିଏ ଅଟନ୍ତି ? ତାଙ୍କର ସହଜ ସ୍ୱରୂପ କ'ଣ ? ଚାରି ଭେଦ ଦ୍ୱାରା ତାଙ୍କର କର୍ମ, ଗୁଣ ଏବଂ ସ୍ୱରୂପକୁ ତର୍କ ଅଥବା ଯୁକ୍ତି ସହିତ ବତାଇ ଦିଅନ୍ତୁ । ସେହି ସତ୍ତାଙ୍କର କର୍ମ, ଗୁଣ, ସ୍ୱଭାବ ତଥା ସ୍ୱରୂପକୁ ତର୍କଯୁକ୍ତିରେ ବତାଇ ଦିଅନ୍ତୁ ଅଥବା ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ ଏହି ଚାରି ପ୍ରମାଣ ତର୍କ ଏବଂ ଯୁକ୍ତିରେ ତାହାର ସ୍ୱରୂପକୁ ସିଦ୍ଧ କରନ୍ତୁ ।

**ସମୂହ ପ୍ରାଣ କେ ବୀଚ ମେଁ, କ୍ୟା**
**ଚାହତ ହୈ ଜୀଓ୍ୱ ।**
**ନଷ୍ଟ ଅମର ଧାରା କରେ, ଦୁଖ**
**ଭୟ ପାଓ୍ୱେ ପୀଓ୍ୱ ।।୩୮।।**

ଭାଷ୍ୟ - ସମୂହ ପ୍ରାଣ ମଧ୍ୟରେ ଜୀବାତ୍ମା କ'ଣ ଇଚ୍ଛା କରିଥାଏ ? ତାହା ଅମୃତ ପ୍ରବାହକୁ ନଷ୍ଟକରି ସାଂସାରିକ ବିଷୟ ପ୍ରଲୋଭନରେ ପଡ଼ି ନାନା ପ୍ରକାରର କଷ୍ଟ ଆଉ ଭୟରେ ପୀଡ଼ିତ ହୋଇଥାଏ । ଆତ୍ମା ଅନ୍ତର ଅମୃତ ପ୍ରବାହକୁ ଛାଡ଼ି ବିଷୟ ସୁଖର ଇଚ୍ଛାରେ ଜନ୍ମ, ମରଣ ପରି ତ୍ରିତାପ ଦୁଃଖକୁ ସହି ଅନେକ ଯୋନିରେ ଭ୍ରମଣ କରିଥାଏ । ଆତ୍ମାର ବାସ୍ତବିକ ସୁଖ ପରମାନନ୍ଦ ଅଟେ, ଇନ୍ଦ୍ରିୟଗୁଡ଼ିକର ବିଷୟ ଉପଭୋଗ ନୁହେଁ । ଅତଏବ ସୁଖ ଶାନ୍ତିର ପ୍ରାପ୍ତି ନିମନ୍ତେ ଇନ୍ଦ୍ରିୟମାନଙ୍କର ଭୋଗରୁ ମୁକ୍ତ ହୋଇ ପବିତ୍ର ପରମାନନ୍ଦଙ୍କର ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବା ଉଚିତ ।

**ପ୍ରଶ୍ନ କହାଁ ପର ମୈଁ କରୁଁ, କୌନ**
**ସୋମରସ ପାଓ୍ୱ ।**
**ସତ ମାରଗ କିସକୋ ମିଲେ,**
**କଓ୍ୱନ ଗୁରୁ ଅପନାଓ୍ୱ ।।୩୯।।**

ଭାଷ୍ୟ - କାହାକୁ ମୁଁ ପ୍ରଶ୍ନ କରିବି ? କିଏ ସୋମରସକୁ ପ୍ରାପ୍ତ କରିଥାଏ ? ସତ୍ ମାର୍ଗ କାହାକୁ ମିଳିଥାଏ ଏବଂ କେଉଁ ଗୁରୁ ଶରଣାଗତକୁ ସ୍ୱୀକାର କରିଥାନ୍ତି ? କେଉଁ ଗୁରୁଙ୍କର ଅନନ୍ୟ ଶରଣ ଭକ୍ତିରେ ଜୀବନ୍ମୁକ୍ତି ତଥା ପରମାନନ୍ଦଙ୍କର ପ୍ରାପ୍ତି ହୋଇଥାଏ ?




**ନିର୍ଧନ ଧନ ଇଚ୍ଛା କରେ, ଧନୀ**
**ସୋଇ ଧନ ତ୍ୟାଗ ।**
**ନୀତି ନିପୁଣ ବର କୁଶଲ ହୈଂ, ପୁ**
**ପୂଜ୍ୟ ତପ ଜାଗ ।।୪୦।।**

ଭାଷ୍ୟ - ଧନହୀନ ଧନର ଇଚ୍ଛା କରିଥାଏ ଆଉ ଧନୀ ସେହି ଧନକୁ ତ୍ୟାଗ କରିଥାଏ । ନୀତି ନିପୁଣ ଯୋଗ୍ୟ ସିଏ ଅଟନ୍ତି, ଯିଏ ନିଜ ତପ ପ୍ରଭାବରେ ସମସ୍ତ ଜ୍ଞାନ, ଗୁଣସମ୍ପନ୍ନ ହୋଇ ସର୍ବପୂଜ୍ୟ ହୋଇଥାନ୍ତି । ସମସ୍ତ ଜ୍ଞାନ ବିଜ୍ଞାନଯୁକ୍ତ ଯୋଗୀ ସଦ୍‌ଗୁରୁ ହୋଇଥାନ୍ତି ।

**ସତ୍ୟ ଜ୍ଞାନ ସତ୍ୟ ଧର୍ମ ସବ,**
**ସଦ୍‌ଗୁରୁ ଆଶ୍ରିତ ହୋୟ ।**
**ଜୈଂୟା ସମୁଦ୍ର ନଦିୟେଁ ମିଲୈଁ,**
**ବ୍ରହ୍ମ ଜ୍ଞାନ ଗୁଣ ସୋୟ ।।୪୧।।**

ଭାଷ୍ୟ - ସମସ୍ତ ସତ୍ୟ ଜ୍ଞାନ ଆଉ ସତ୍ୟ ଧର୍ମ ସଦ୍‌ଗୁରୁଙ୍କର ଆଶ୍ରିତ ଅଟନ୍ତି ଅର୍ଥାତ୍ ସଦ୍‌ଗୁରୁ ହିଁ ସମସ୍ତ ଧର୍ମ ଆଉ ଜ୍ଞାନର ଆଧାର ତଥା ସ୍ୱରୂପ ଅଟନ୍ତି । ତାଙ୍କ ଦ୍ୱାରା ଧର୍ମ ଆଉ ସତ୍ୟର ଦର୍ଶନ ନିର୍ଭ୍ରାନ୍ତ ଭାବରେ ନିରୂପଣ ହୋଇଥାଏ । ନଦୀ ଯେଉଁ ପ୍ରକାର ସମୁଦ୍ରରେ ଯାଇ ସମାହିତ ହୋଇଯାଏ, ସେହି ପ୍ରକାର ବ୍ରହ୍ମବିଦ୍ୟା ଗୁଣସମ୍ପନ୍ନ ସଦ୍‌ଗୁରୁଙ୍କ ନିକଟରେ ସମସ୍ତ ଜ୍ଞାନ, ବିଜ୍ଞାନ, ବୈଭବ, ତେଜ ଏବଂ ପରାକ୍ରମ ଭଳି ସମସ୍ତ ଶକ୍ତି ସ୍ୱାଭାବିକ ଭାବରେ ପ୍ରାପ୍ତ ହୋଇଥାଏ । ଏହା ଯୋଗୀଶ୍ୱର ପରମ ସଦ୍‌ଗୁରୁଙ୍କର ମହତ୍ ମହିମା ଅଟେ ।

**ମହି ନୃପ କୋ ଜଲ ସୂର୍ଯ୍ୟ କୋ,**
**ତୃପ୍ତ ଜ୍ଞାନି କର ଦେଓ୍ୱ ।**
**ଭକ୍ତି ଭକ୍ତ ପ୍ରଭୁ ଦାସ କୋ,**
**ସୁଖନିଧି ସୁଖଜନ ଦେଓ୍ୱ ।।୪୨।।**

ଭାଷ୍ୟ - ରାଜାଙ୍କୁ ମହୀ ଅର୍ଥାତ୍ ଭୂମି, ସୂର୍ଯ୍ୟଙ୍କୁ ଜଳ ତଥା ଦେବତା ଜ୍ଞାନୀଙ୍କୁ ତୃପ୍ତ କରିଥାନ୍ତି । ଏହି ପ୍ରକାର ଭକ୍ତିଯୁକ୍ତ ଭକ୍ତକୁ ସୁଖନିଧି ପରଂବ୍ରହ୍ମଙ୍କ ଠାରୁ ସୁଖ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ସୁଖ ସାଗର ପରଂବ୍ରହ୍ମଙ୍କ ଦ୍ୱାରା ହିଁ ସଂସାର ସମସ୍ତଙ୍କୁ ସୁଖ ପ୍ରାପ୍ତି ହୋଇଥାଏ ।

**ଅପରୋକ୍ଷ ଅନୁଭଓ୍ୱ ଚଲେ, ଯହ**
**ଅମୃତ ହୈ ଧାର ।**
**ଯହ ଓ୍ୱହ ଓ୍ୱହ ହୈ ଯହ, ଯହି**
**ତକ ଅନ୍ତ ଓ୍ୱିଚାର ।।୪୩।।**

ଭାଷ୍ୟ - ଯେତେବେଳେ ନିଃଶବ୍ଦ ପରମ ପୁରୁଷଙ୍କର ପ୍ରାପ୍ତି ହୋଇଯାଏ, ସେତେବେଳେ ପରଂବ୍ରହ୍ମଙ୍କ ପ୍ରକାଶରେ ସମସ୍ତ ତତ୍ତ୍ୱ ପ୍ରତ୍ୟକ୍ଷ ହେବାକୁ ଲାଗେ ଏବଂ ସେତେବେଳେ ଆଉ କୌଣସି ପଦାର୍ଥ ଅଦୃଶ୍ୟ ହୋଇ ରହେନାହିଁ । ଏହା ସମାଧି ବିଜ୍ଞାନର ମହତ୍ତ୍ୱ ଅଟେ । ସମସ୍ତ ଜ୍ଞାନ ପ୍ରକୃତିର ଆବରଣରେ ଢାଙ୍କି ହୋଇ ରହିଥାଏ । ଯେତେବେଳେ ଯୋଗ ଦ୍ୱାରା ଆତ୍ମା ଆଉ ପରଂବ୍ରହ୍ମଙ୍କ ମଧ୍ୟରେ ଥିବା ପ୍ରକୃତିର ଆବରଣ ଖୋଲିଯାଏ ସେତେବେଳେ ସମସ୍ତ ପଦାର୍ଥର ବିଶୁଦ୍ଧ ଜ୍ଞାନ-ରାଶି ପରଂବ୍ରହ୍ମଙ୍କ ପ୍ରକାଶରେ ପ୍ରତ୍ୟକ୍ଷ ପ୍ରକଟ ହୋଇ ଅନୁଭବ, ସାକ୍ଷାତ୍‌କାର ହୋଇଯାଏ । କୌଣସି ପଦାର୍ଥରେ ଭ୍ରମ କିମ୍ବା ଆବରଣ ରହେ ନାହିଁ । ଯୋଗ ଅନୁଭବ ପ୍ରକଟ ହେବା ଫଳରେ ଅମୃତର ପ୍ରବାହ ଆତ୍ମାକୁ ଉପଲବ୍ଧ ହୋଇଯାଏ । ଅମୃତ ଧାରା ପ୍ରବାହକୁ ପ୍ରାପ୍ତକରି ଆତ୍ମା ତୃପ୍ତ ହୋଇଯାଏ । ପ୍ରତ୍ୟକ୍ଷ ଅନୁଭବୀ ଯୋଗୀଙ୍କୁ ଏହା ହୋଇଥାଏ ଯେ ଅମୃତ ଧାରା ସେଠାରୁ ପ୍ରବାହିତ ହୋଇ ଆତ୍ମମଣ୍ଡଳ ପର୍ଯ୍ୟନ୍ତ ଚାଲି ଆସୁଛି । ଏହାର ସୀମା ଏତିକି ମାତ୍ର । ସୂକ୍ଷ୍ମଦର୍ଶୀ ବିହଙ୍ଗମ ଯୋଗୀମାନଙ୍କୁ ଏହି ପ୍ରତ୍ୟକ୍ଷ ପ୍ରବାହର ଅନୁଭବ ହୋଇଥାଏ, ଯାହାର ବର୍ଣ୍ଣନା ସଂକେତ ରୂପରେ ଗ୍ରନ୍ଥକାର ଏହି ଦୋହାରେ କରିଛନ୍ତି ।

**ରଶ୍ମି ଶକ୍ତି ଐଶ୍ୱର୍ଯ୍ୟ ପର, ଆଶ୍ରିତ**
**ଅମିତ ଆନନ୍ଦ ।**
**ପରମ ପୁରୁଷ ପରମାତମା,**
**ପରମ ସଚ୍ଚିଦାନନ୍ଦ ।।୪୪।।**

ଭାଷ୍ୟ - ସମସ୍ତ ଜ୍ଞାନ, ଶକ୍ତି, ଐଶ୍ୱର୍ଯ୍ୟ ଏବଂ ଅସୀମ ଆନନ୍ଦ ପରମ ପୁରୁଷ ଜଗଦୀଶ୍ୱରଙ୍କର ଆଶ୍ରିତ ଅଟନ୍ତି ଅର୍ଥାତ୍ ସମସ୍ତ ଜ୍ଞାନ ବିଜ୍ଞାନ ଐଶ୍ୱର୍ଯ୍ୟମାନଙ୍କର ଅଧିପତି, ସର୍ବସ୍ରଷ୍ଟା ଜଗଦୀଶ୍ୱର, ପରମ ପ୍ରଭୁ ଅଟନ୍ତି ।

**ସଦ୍‌ଗୁରୁ ନିୟମନ ଧୀର ଓ୍ୱର,**
**ଶାନ୍ତ ଦୃଢ଼ ଆସୀନ ।**
**ପ୍ରେମ ଓ୍ୱିରହ ଅନୁରାଗ ରତ,**
**ଆରତ ଦୀନ ଅଧୀନ ।।୪୫।।**

ଭାଷ୍ୟ - ଦୀନ ଅଧୀନ ସେବକ ପ୍ରେମ ବିରହ ଅନୁରାଗରେ ଯୁକ୍ତ ହୋଇ ସଦ୍‌ଗୁରୁ ନିୟମରେ ଧୀର ଏବଂ ଦୃଢ଼ ଭାବରେ ଆସୀନ ହୋଇ ଶାନ୍ତ ରହିଥାଏ ।

**ପରିପକ୍ୱ ଗୁରୁ ଜ୍ଞାନ ସେ, ସବଲ**
**ଆତମା ହୋୟ ।**
**ଅରଟ୍‌ବୃକ୍ଷ କେ ପତ୍ର ସମ,**
**ନୀରଲେପ ତନ ସୋୟ ।।୪୬।।**

ଭାଷ୍ୟ - ଗୁରୁ ଜ୍ଞାନରେ ପରିପକ୍ୱ ଆତ୍ମା ବଳବତୀ ହୋଇଥାଏ । ତାହା ଅରଟୁ ଗଛର ପତ୍ର ପରି ଦେହ ସଂଘାତରେ ନିର୍ଲେପ ରହିଥାଏ । ଜିଓ୍ୱନ୍ମୁକ୍ତ ଯୋଗୀ ଜଗତ, ସାରା ଦେହ ସଂଘାତ ।
ପଦ୍ମ ପତ୍ର ଇଓ୍ୱ ଭାସତା, ଲିପ୍ତ ନ
କର୍ମ ଅଘାତ ।।୪୭।।

ଭାଷ୍ୟ - ଜୀବନ୍ମୁକ୍ତ ସହଜ ଯୋଗୀ ସମଗ୍ର ଦେହ ସଂଘାତରେ ଜଳରେ କମଳର ପତ୍ର ସମାନ ଅସଙ୍ଗ ଏବଂ ନିର୍ଲେପ ରହିଥାଏ । ତା ସହିତ ନା କର୍ମର ସମ୍ବନ୍ଧ ରହେ ନା ଇନ୍ଦ୍ରିୟଗଣ ତାକୁ କୌଣସି ପ୍ରକାର ବିଷୟ ବନ୍ଧନ ଆଡ଼କୁ ଆକର୍ଷିତ କରିଥାନ୍ତି ।
ବ୍ୟାପକ ପୂରଣ ପୁରୁଷ ହୈ,
ପ୍ରକଟତ ଯୋଗାଭ୍ୟାସ ।
ରୋମ ରୋମ ଅନୁଭଓ୍ୱ ଜଗେ,
କଟେ କର୍ମ କର ପାଶ ।।୪୮।।

ଭାଷ୍ୟ - ବ୍ୟାପକ ପରମ ପୁରୁଷ ଯୋଗାଭ୍ୟାସ ଦ୍ୱାରା ପ୍ରକଟ ହୋଇ ସର୍ବତ୍ର ଅନୁଭବରେ ପ୍ରାପ୍ତ ହୋଇଥାନ୍ତି ଏବଂ ସେ ପ୍ରକଟ ହେବା ପରେ ସମସ୍ତ କର୍ମପାଶ ଏବଂ ବନ୍ଧନ କଟିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ।

## ବାସ୍ତବିକ ଅଧ୍ୟାତ୍ମ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯଦି ଆମେ ପତଞ୍ଜଳି କୃତ ଯୋଗସୂତ୍ରକୁ ପଢ଼ିବା ତ ସେଥିରେ ମହର୍ଷି ପତଞ୍ଜଳି କହିଛନ୍ତି-

ଯୋଗଶ୍ଚିତ୍ତବୃତ୍ତିନିରୋଧଃ ।୧/୨।।

ଅର୍ଥାତ୍ ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ଯୋଗ ଅଟେ ।

ଯଦି ଆମେ ନୀତି ଶାସ୍ତ୍ର ପଢ଼ିବା ତ ସେଥିରେ ଚାଣକ୍ୟ କହିଛନ୍ତି –

ଫଳମ୍ ପାପସ୍ୟନେଚ୍ଛନ୍ତି ପାପମ୍ କୁର୍ବନ୍ତି ଯତ୍ନତଃ ।

ଫଳମ୍ ପୁଣ୍ୟସ୍ୟନେଚ୍ଛନ୍ତି ପୁଣ୍ୟମ୍ ନେଚ୍ଛନ୍ତି ମାନବାଃ ।

ଅର୍ଥାତ୍ ମନୁଷ୍ୟ ପାପର ଫଳ ଚାହେଁ ନାହିଁ, କିନ୍ତୁ ହଠାତ୍ ପାପ କରିଥାଏ ଏବଂ ପୁଣ୍ୟର ଫଳ ଚାହିଁ ଥାଏ, କିନ୍ତୁ ପୁଣ୍ୟ କରିବାରେ ବିଶ୍ୱାସ ରଖେ ନାହିଁ ।

ଏହିପରି ଯଦି ଆମେ ଜ୍ୟୋତିଷ ଶାସ୍ତ୍ରକୁ ପଢ଼ିବା ତ ସେଥିରେ କୁହାଯାଇଛି –

କେବଳଂ ଗ୍ରହନକ୍ଷତ୍ରଂ ନ କରୋତି ଶୁଭାଶୁଭମ୍ ।

ସର୍ବମାତ୍ମକୃତଂ କର୍ମ ଲୋକବାଦୋ ଗ୍ରହା ଇତି ।।

ଅର୍ଥାତ୍ ଗ୍ରହ-ନକ୍ଷତ୍ର କାହାର ଶୁଭ-ଅଶୁଭ କରନ୍ତି ନାହିଁ । ନିଜର କୃତ କର୍ମଗୁଡ଼ିକୁ ହିଁ ଲୋକେ ଗ୍ରହର ନାଁ ଦେଇଥାନ୍ତି ।

ସ୍ପଷ୍ଟ କଥା ହେଲା, ଭାରତୀୟ ଅଧ୍ୟାତ୍ମ ଶାସ୍ତ୍ରରେ ସାଧନାର ସନ୍ଦର୍ଭ କର୍ମଶୁଦ୍ଧି ଅଟେ । କୌଣସି ପ୍ରକାର ସର୍ଟକଟ ନୁହେଁ । ଆମର ପୂର୍ବକୃତ କର୍ମ ହିଁ ଆମ ମନ ଉପରେ କାଳିମା ହୋଇ ଛାଇ ରହିଥାଏ । ଏହା ହିଁ ଶରୀରରେ ରୋଗ, ମନରେ ଚାପ, ଭାବନାରେ ବିକ୍ଷୋଭ, ସମ୍ପର୍କରେ ଫାଟ, ସମାଜରେ ସଂକଟ ରୂପେ ଅଭିବ୍ୟକ୍ତ ହୋଇଥିବାର ଦେଖାଯାଏ ।

ଏହି ଚିତ୍ତ ଶୁଦ୍ଧିର ନାମ, କୁସଂସ୍କାରରୁ ମିଳୁଥିବା ଏହି ମୁକ୍ତିର ନାମ ସାଧନା ଅଟେ । ଏହା ଅର୍ଜୁନଙ୍କ ମହାଭାରତ, ଏହା ହିଁ ଦେବାସୁର ସଂଗ୍ରାମ ଏବଂ ଏହା ବାସ୍ତବିକ ଅଧ୍ୟାତ୍ମ । ଆଜିର ପରିସ୍ଥିତିରେ ଏହି ବାସ୍ତବିକ ଅଧ୍ୟାତ୍ମର ପଥରେ ଚାଲିବାର ଅଭୀପ୍ସା ସମସ୍ତଙ୍କ ମନରେ ଜାଗ୍ରତ ହେବା ଉଚିତ ।

## ବାସି ରୁଟିରୁ ଫାଇଦା ଅନେକ

ଗହମ ଅଟାରୁ ପ୍ରସ୍ତୁତ ରୁଟି ଆମ ଶରୀରର ଅନେକ ଉପକାର କରିଥାଏ । ଏଥିରେ ଅଧିକ ମାତ୍ରାରେ ଫାଇବର ଥାଏ, ଯାହା ସହଜ ହଜମ ହେବାରେ ସହାୟ୍ୟ କରିଥାଏ । ବେଳେବେଳେ ରାତି ଖାଦ୍ୟ ପାଇଁ ପ୍ରସ୍ତୁତ ରୁଟି ବଳି ଯାଇଥାଏ । ସେଇ ରୁଟିକୁ ଆମେ ସାଧାରଣତଃ ପଶୁ ପକ୍ଷୀଙ୍କୁ ଦେଇଥାନ୍ତି । ପ୍ରତିଦିନ ସକାଳେ ବାସି ରୁଟିକୁ କ୍ଷୀର ସହ ଖାଇବା ଦ୍ୱାରା ଶରୀର ସହ ଜଡ଼ିତ ଅନେକ ସମସ୍ୟା ଦୂର ହୋଇଥାଏ ।

**ରକ୍ତ ଚାପ:** ବାସି ରୁଟି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ପରି ସମସ୍ୟା ଦୂର ହୋଇଥାଏ । ପ୍ରତିଦିନ ଥଣ୍ଡା କ୍ଷୀର ସହ ୨ ଟି ବାସି ରୁଟି ଖାଆନ୍ତୁ । ଏହାଦ୍ୱାରା ରକ୍ତଚାପ ସନ୍ତୁଳିତ ରହିଥାଏ । ଗରମ ଦିନରେ ଏହାକୁ ଖାଇଲେ ଶରୀରର ଉତ୍ତାପ ନିୟନ୍ତ୍ରିତ ହୋଇଥାଏ ।

**ଡାଇବେଟିସ୍:** ଯେଉଁ ବ୍ୟକ୍ତିଙ୍କର ଡାଇବେଟିସ୍ ବା ମଧୁମେହ ସମସ୍ୟା ଅଛି, ସେମାନେ ପ୍ରତ୍ୟେକ ଦିନ କ୍ଷୀର ସହ ବାସି ରୁଟି ଖାଆନ୍ତୁ । ଏଥିରେ



ରକ୍ତରେ ଶର୍କରା ସ୍ତର ଠିକ୍ ରହିଥାଏ ।

**ପେଟ ସମସ୍ୟା:** କ୍ଷୀର ସହ ବାସି ରୁଟି ଖାଇବା ଦ୍ୱାରା ପେଟର ଅନେକ ସମସ୍ୟା ଠିକ୍ ହୋଇଯାଏ । ଏସିଡିଟି ସମସ୍ୟା ଦୂର ହୋଇଥାଏ ଏବଂ ପାଚନ ମଧ ଠିକ୍ ଭାବେ ହୋଇଥାଏ ।

## ଟିକିଏ ହସନ୍ତୁ

ଗୋପାଳ ପିଣ୍ଟୁଙ୍କୁ : ମତେ ଟିକେ କହିଲୁ, ଆଇ ଆମ ଗୋଇଂ ର ମାନେ କ'ଣ ?
ମୁଁ ଯାକୁ ଏହାର ଉତ୍ତର ପଚାରୁଛି ସେ ପଳେଇ ଯାଉଛି ।
ପିଣ୍ଟୁ: ମୁଁ ଯାଉଛି ।
ଗୋପାଳ: ଶେଷରେ ତୁ ବି ପଳେଇବୁ କହିଲୁ । ହେଲେ ତତେ ମୁଁ ଜମାରୁ ଛାଡିବିନି ।

× × ×

ଚାକରାଣୀ: ମା' ସାନବାବୁ ମଶା ଖାଇଦେଲେ ।
ମାଲିକାଣୀ: ମୁଁ ଏବେ କ'ଣ କରିବି କିଛି ବୁଝି ପାରୁନି ।
ଚାକରାଣୀ: ଚିନ୍ତା କରନ୍ତୁନି । ମୁଁ ସାନବାବୁଙ୍କୁ ଅଲଆଉଟ୍ ପିଆଇ ଦେଇଛି । ମଶା ପେଟରେ ମରିଯିବ ।



× × × ×

ପିନ୍ଟୁକୁ ଗାଁର ଜଣେ ବ୍ୟକ୍ତି: ତୁ ଆଜି ଅଙ୍ଗନବାଡ଼ି ସ୍କୁଲକୁ କାହିଁକି ଯାଇନୁ ?
ପିନ୍ଟୁ: କକା ତମେ ଜାଣିନ । କାଲି ନା ସେଠି ମତେ ଓଜନ କଲେ । କାଲେ ଆଜି ମତେ ବିକ୍ରି କରିଦେବେ । ସେଇଆ ଭାବି ରହିଗଲା ।

× × × × × ×

ଜଣେ ପୁଅର ନୂଆ ନୂଆ ବାହାଘର ହେଉଥିଲା ।
ସାଙ୍ଗମାନଙ୍କ ଠାରୁ ସାହାଯ୍ୟ ନେଲା ସ୍ତ୍ରୀର ହୃଦୟ କେମିତି ଜିତିବ ।
ସାଙ୍ଗମାନେ: ତା' ପାଖକୁ ସିଗାରେଟ୍ ଟାଣିକି ଯିବୁ ଏବଂ ଧୂଆଁ ଛାଡିକି କହିବୁ ଯଦି ତୁମେ କହିବ ଏଇ କ୍ଷଣି ମୁଁ ଏ ଅଭ୍ୟାସ ଛାଡିଦେବି ।
ସେ ପୁଅ ଘରକୁ ଯାଇ ସେମିତି କଲା ।
ସ୍ତ୍ରୀ: ନା ନା ଇଟ୍ସ ଓକେ । ଯଦି ଗୋଲ୍ଡ ଫ୍ଲେକ୍ସ ଅଛି ତା' ହେଲେ ମତେ ବି ଗୋଟିଏ ଟାଣିବାକୁ ଦିଅ ।

× × × × × ×

ଗର୍ଲଫ୍ରେଣ୍ଡ: ମୁଁ ତୁମକୁ ଏତେ ଭଲ ପାଏ ଯେ ତୁମ ପାଇଁ ନିଆଁରେ ଚାଲିଯିବି, ନଦୀକୁ ବି ଡେଇଁ ପଡିବି ।
ବଏଫ୍ରେଣ୍ଡ: ମୁଁ ବି ତୁମକୁ ବହୁତ ଭଲ ପାଏ । ଏବେ ଆସ ମତେ ଦେଖା କରିବାକୁ ।
ଗର୍ଲଫ୍ରେଣ୍ଡ: ପାଗଳ ନା କ'ଣ ? ବାହାରେ କେତେ ଖରା ହେଉଛି ଦେଖୁଛ ତ । ଯଦି ମୁଁ କଳା ପଡିଯିବି ।

× × × × × ×

ସ୍ତ୍ରୀ ରୋମାଣ୍ଟିକ ମୁଡ୍‌ରେ ଥିଲା ।
ସ୍ତ୍ରୀ: ଶୁଣୁଛ, ଆମେ ବାହାଘର ରାତିରେ ଯେତେବେଳେ ତୁମେ ମୋ ଓଢ଼ଣୀ ପ୍ରଥମ ଥର ଉଠାଇଥିଲ ତୁମକୁ କେମିତି ଲାଗିଥିଲା ?
ସ୍ୱାମୀ: ସତ କହିବି ଯଦି ସେଦିନ ମତେ ହନୁମାନ ଚାଳିଶା ନ ଆସିଥାନ୍ତା, ତା' ହେଲେ ମୁଁ ସେଇଦିନ ମରି ଯାଇଥାନ୍ତି ।

× × × × × ×

ସୋନୁ: ସାଙ୍ଗ ଆଜି ମୁଁ ତୋ ଗର୍ଲଫ୍ରେଣ୍ଡକୁ ଗାଧୋଇବା ବେଳେ ଦେଖିଥିଲି ।
ମୋନୁ: କେତେ ଖରାପ ପିଲା ତୁ । ତତେ ଲାଜ ଲାଗିଲାନି । ମୁଁ ତତେ ଜୀବନରୁ ମାରିଦେବି ।
ସୋନୁ: ମୋର ଭୁଲ ନୁହଁ ଭୁଲ ତା'ର । ମୁଁ ଯେଉଁ ପୋଖରୀରେ ଗାଧୋଉଥିଲି, ସେ ସେଇ ପୋଖରୀ ସାମ୍ନା ରାସ୍ତାରେ ଯାଉଥିଲା ।

# ସୋୟାବିନ୍‌ର ଉପକାରିତା

ସୋୟାବିନରେ ଏକାଧିକ ପୋଷକ ତତ୍ତ୍ୱ ରହିଛି । ବିଶେଷକରି ପ୍ରୋଟିନ୍, କ୍ୟାଲସିୟମ୍ ଏବଂ ଫାଇବରର ଏକ ଭଲ ଉତ୍ସ । ସୋୟା ଖାଇବାରେ ବି ଖୁବ୍ ସ୍ୱାଦିଷ୍ଟ । ଏଥିରେ ଏକ ବିଶେଷ ପରିମାଣର ଆମିନୋଏସିଡ୍ ଲାଇଜିନ୍ ମିଳେ ଯାହା ଶରୀରରେ ସବୁ ପ୍ରକାର ପ୍ରୋଟିନ୍ ପାଇଁ ଆବଶ୍ୟକ ବିଲଡିଂ ବ୍ଲକ୍ ବୋଲି କୁହାଯାଏ । ଲାଇଜିନରୁ ଫେରିଟିନ୍ ଆଇରନ ବି ସୃଷ୍ଟି ହୋଇଥାଏ, ଯାହା ସୁସ୍ଥ କେଶ ପାଇଁ ଜରୁରୀ ପ୍ରୋଟିନ୍ ସହିତ ଭିଟାମିନ୍ ବି- କମ୍ପ୍ଲେକ୍ସ, ଇ ଆଦିରେ ଭରପୁର ସୋୟାବିନ୍ ଖାଇବାର ଆହୁରି ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ମଧ ରହିଛି । ଯଦି ରାତିରେ ନିଦ ହେଉ ନଥାଏ ତେବେ ସୋୟାବିନ୍ ଖାଇବା ଆରମ୍ଭ କରି ଦିଅନ୍ତୁ । ଏଥିରେ ଥିବା ମ୍ୟାଗନେସିୟମ୍ ଭଲ ନିଦ କରାଇବାରେ ସହାୟକ । ସୋୟା ପ୍ରୋଟିନ୍ ଏବଂ



ଆଇସୋଫ୍ଲେଭୋନସରେ ଭରପୂର ଖାଦ୍ୟ ବିଶେଷକରି ରଜୋନିବୃତ୍ତି ପରେ ମହିଳାମାନଙ୍କ ଅସ୍ଥି ଦୁର୍ବଳ କରୁଥିବା ଅଷ୍ଟିଓପୋରୋସିସ୍‌ର ଆଶଙ୍କାରୁ ସୁରକ୍ଷା ଦେଇଥାଏ । ଇଂଲଣ୍ଡର ହୁଲ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜଣାଇଛନ୍ତି ଯେ, ସୋୟାବିନରେ ହେଉଥିବା ଖାଦ୍ୟରେ ଆଇସୋଫ୍ଲାଭୋନସ ଥାଏ ଯାହା ଏଷ୍ଟ୍ରୋଜେନ୍ ହରମୋନର ଗୁଣ ସହ ସମାନ ଏବଂ ମହିଳାମାନଙ୍କ ଅସ୍ଥି, ମଜବୁତ ରହିବାରେ ସହାୟକ ।

ଯଦି କୌଣସି ମାନସିକ ରୋଗରେ ଆକ୍ରାନ୍ତ ତେବେ ସୋୟାବିନ୍‌କୁ ନିଜ ଖାଦ୍ୟରେ ସାମିଲ୍ କରନ୍ତୁ । ଏଥିରେ ଥିବା ଫସଫରସ ମାନସିକ ସନ୍ତୁଳନ ଠିକ୍ ରଖିବା ସହ ମସ୍ତିଷ୍କ ସକ୍ରିୟ ରଖେ । ଅପସ୍ମାର, ଉନ୍ମାଦ, ସ୍ମୃତି ବିଭ୍ରମ, ରିକେଟସ ଆଦି ରୋଗରେ ଏହା ପଥ୍ୟ ସଦୃଶ । ପ୍ରତିଦିନ ମାଛ, ମାଂସ ଖାଇବାକୁ ପାଉ ନଥିବା ତଥା ଅଭାବୀ ଲୋକମାନଙ୍କ ପାଇଁ ଫସଫରସ ପାଇବାର ଭଲ ମାଧ୍ୟମ ସୋୟାବିନ୍ ।

ହୃଦରୋଗୀ ତଥା ଉଚ୍ଚ ରକ୍ତଚାପରେ ପୀଡିତମାନଙ୍କ ପାଇଁ ମଧ ସୋୟାବିନ୍ ଏକ ଉତ୍ତମ ଖାଦ୍ୟ । ଏଥିରେ ଥିବା ଲେସିଥିନ୍ ଯକୃତର ସ୍ୱାସ୍ଥ୍ୟ ଲାଗି ବେଶ୍ ଉପଯୋଗୀ । ଏହା ମଧ ରକ୍ତବାହୀଗୁଡିକରେ କୋଲେଷ୍ଟେରଲ୍ ଜମା ହେବାକୁ ଦିଏ ନାହିଁ । ଲଗାତର ଆଠ ସପ୍ତାହ କେବଳ ଅଧାକପ୍ ଲେଖାଏ ଭଜା ସୋୟାବିନ୍ ଖାଉଥିବା ମହିଳାଙ୍କ ଠାରେ ୧୦ ପ୍ରତିଶତ ସିଷ୍ଟୋଲିକ୍ ପ୍ରେସର, ୭ ପ୍ରତିଶତ ଡାୟାଷ୍ଟୋଲିକ୍ ଏବଂ ସାଧାରଣ ମହିଳାଙ୍କ ଠାରେ ୩ ପ୍ରତିଶତ ରକ୍ତଚାପ କମ୍ ହୋଇଥିବା ଦେଖା ଯାଇଥିଲା ।

## ଆପଣ ଜାଣନ୍ତି କି ?

- ୟୁକ୍ଲିଡଙ୍କୁ ଜ୍ୟାମିତିର ପିତା କୁହାଯାଏ ।
- ଗଣିତ ବିଦ୍ୟାଳୟରେ କମ୍ପ୍ୟୁଟରଙ୍କୁ ବି ପଛରେ ପକାଇ ଦେଇଥିବା ଭାରତୀୟ ମହିଳା ହେଉଛନ୍ତି ଶକୁନ୍ତଳା ଦେବୀ ।
- ଜୁଡ୍ ଫେଲିକ୍ସ ହେଉଛନ୍ତି ଭାରତୀୟ ହକିର ପ୍ରସିଦ୍ଧ ଖେଳାଳି ।
- ଅର୍ଥନୀତି କ୍ଷେତ୍ରରେ ପ୍ରଫେସର ଅମର୍ତ୍ତ୍ୟ ସେନ ପ୍ରସିଦ୍ଧି ଲାଭ କରିଛନ୍ତି ।
- ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ସତ୍ୟଜିତ୍ ରାୟ ଅନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି ।
- କୁଷ୍ଠ ନିବାରଣ ପାଇଁ କୋରିଆର ଡକ୍ଟର ଜୁନ୍ ଲିଉ ଅନ୍ତର୍ଜାତୀୟ ଗାନ୍ଧି ପୁରସ୍କାର ଲାଭ କରିଛନ୍ତି ।
- ପଦ୍ମଭୂଷଣ ଚିତ୍ରକର ଜାମିନି ରାୟ ୧୮୮୭ ମସିହା ଏପ୍ରିଲ ୧୧ ରେ ଜନ୍ମ ଗ୍ରହଣ କରିଥିଲେ ।
- ପଣ୍ଡିତ ବିରଜୁ ମହାରାଜ ଶାସ୍ତ୍ରୀୟନୃତ୍ୟରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।
- ଇଟାଲୀର ସାନ ବିଆଜିଓ ଡି କାଲାଟାରେ ଜନ୍ମ ଗ୍ରହଣ କରିଥିବା ପିଏରେ କାରଡିନ୍ ଫ୍ୟାସନ ଡିଜାଇନ୍ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ।
- ରବୀନ୍ଦ୍ରନାଥଟାଗୋର ସାହିତ୍ୟରେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

# ଆଳସ୍ୟ ବଢ଼ାଏ ପୁରୁଣା ରୋଗ

ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ପୁରୁଣା ରୋଗ ସହ ଜଡିତ । ଏଥିରୁ ଆରୋଗ୍ୟଲାଭ କରିବା ପାଇଁ ସେମାନେ ଡାକ୍ତରଙ୍କ କହିବା ଅନୁସାରେ ଔଷଧ ସେବନ କରିଥାନ୍ତି । ଏହାସତ୍ତ୍ୱେ ମଧ ଆଉ ଏକ କାରଣ ପାଇଁ ରୋଗ କମିବା ପରିବର୍ତ୍ତେ ଶରୀରରେ ନିଜର କାୟା ବିସ୍ତାର କରିଚାଲେ । ଏଭଳି ମତବ୍ୟକ୍ତ କରିଛନ୍ତି ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ଲିଭରପୁଲର ମେଡିସିନ୍ ବିଶେଷଜ୍ଞ ଡ.ଡାନ୍ କ୍ୟୁବର୍ଟସନ୍ । ସେ କହିଛନ୍ତି ଏଭଳି ସମସ୍ୟା କେବଳ ଯୁବାବସ୍ଥାରେ ନୁହେଁ ବୃଦ୍ଧାବସ୍ଥାରେ ମଧ ଦେଖିବାକୁ ମିଳିଥାଏ । କେତେକ ବ୍ୟକ୍ତି ଶାରୀରିକ ପରିଶ୍ରମ କରିବାକୁ ଆଗ୍ରହ ପ୍ରକାଶ କରି ନଥାନ୍ତି । କେବଳ ଗୋଟିଏ ସ୍ଥାନରେ ବସି ରହିବା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇଯାଇଥାଏ । ଫଳତଃ ଧୀରେ ଧୀରେ ସେମାନଙ୍କ ଠାରେ କିଛିବର୍ଷ ପୂର୍ବେ ଦେଖା ଦେଇଥିବା ରୋଗର ଲକ୍ଷଣ ପୁଣିଥରେ ପ୍ରକାଶ ପାଇଥାଏ । ଏ ସମ୍ପର୍କରେ ଉକ୍ତ ୟୁନିଭର୍ସିଟିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଦେଶର ମେଡିସିନ୍



ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏଥିରେ ଯୋଗଦେଇଥିବା ଡକ୍ଟର କ୍ୟୁବର୍ଟସନ୍ ନିଜର ମତ ରଖି କହିଥିଲେ ଯେ, ଯଦି ଜଣେ ବ୍ୟକ୍ତି ଲଗାତର ଦୁଇ ସପ୍ତାହ ଘରେ ବସି ରହନ୍ତି ତେବେ ସେମାନଙ୍କ ଠାରେ ପୁରୁଣା ରୋଗର ଲକ୍ଷଣ ଦେଖା ଦେବାର ଆଶଙ୍କା ଅଧିକ ରହିଥାଏ । ତେଣୁ ଜଣେ ବ୍ୟକ୍ତି ଯଦି ବିଶ୍ରାମ ନେଉଥାନ୍ତି ତେବେ ସେ ପ୍ରତିଦିନ ଅଳ୍ପ ସମୟ ପାଇଁ କିଛି କାମ କରିବା ଦରକାର । ବିଶେଷ ଭାବରେ ପ୍ରତିଦିନ କିଛି ସମୟ ବ୍ୟାୟାମ କଲେ ଏଭଳି ଆଶଙ୍କା ଅନେକାଂଶରେ ଦୂର ହୋଇଥାଏ ।

# ସ୍ୱାସ୍ଥ୍ୟପକ୍ଷେ ଭଲ ପିଜୁଳି ପତ୍ର

ପିଲାବେଳେ ପିଜୁଳି କଢ଼ ଖାଇବାକୁ ଗାଁ କବିରାଜ ପରାମର୍ଶ ଦେଉଥିଲେ । ହେଲେ ଏବେ ଜଣାଯାଇଛି ଯେ, ଖାଲି ପିଜୁଳି ନୁହେଁ ପିଜୁଳି ପତ୍ର ଖାଇବା ଦ୍ୱାରା ବହୁ ଫାଇଦା ମିଳିଥାଏ । ପିଜୁଳି ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟିଇନ୍‌ଫ୍ଲାମେଟ୍ରି ତତ୍ତ୍ୱ ଭରପୂର ରହିଛି । ତେଣୁ ଏହା ତ୍ୱଚା, କେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଏକ ମହୌଷଧି ଭଳି । ଖାଲି ସେତିକି ନୁହେଁ ପିଜୁଳି ପତ୍ରକୁ ସେମିତି ଚୋବେଇ ଖାଇଲେ କି ଏହାର ରସ ପିଇଲେ କିମ୍ବା କଅଁଳ ପତ୍ରକୁ ଚୋବେଇ ଖାଇଲେ ବହୁତ ଉପକାର



ମିଳିଥାଏ । ପିଜୁଳି ପତ୍ର କିମ୍ବା କଢ଼ ଖାଇଲେ ଓଜନ କମ୍ ହେବାରେ ସହାୟକ ହୋଇଥାଏ । ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଭଲ । ଏହା ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହା ଡାଇରିଆରୁ ରକ୍ଷା କରିଥାଏ । ପିଜୁଳି ପତ୍ର ମଧ ପାଚନ ତନ୍ତ୍ରକୁ ଠିକ୍‌ଠାକ୍ ରଖିବାରେ ସହାୟକ ହୋଇଥାଏ ।

# ଡାଳିମ୍ବ ଚୋପାର ଚମତ୍କାରୀ ଗୁଣ

ଡାଳିମ୍ବ ଏକ ସୁନ୍ଦର ଫଳ । ଏହା ପାଚିକୁ ଯେପରି ମିଠା ଲାଗେ ଗୁଣ ବି ଖୁବ୍ ମିଠା । ନିୟମିତ ଡାଳିମ୍ବ ଖାଉଥିବା ବ୍ୟକ୍ତିଙ୍କ ଠାରେ ରକ୍ତହୀନତା ରୋଗ ଦୂର ହୋଇଥାଏ । କେବଳ



ସେତିକି ନୁହେଁ, ଛୋଟ ଛୋଟ ଡାଳିମ୍ବ ମଞ୍ଜିର ବହୁ ବଡ଼ ଗୁଣ ରହିଛି । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ରହିଥିବା କାରଣରୁ ଅନେକ ରୋଗ କବଳରୁ ଆମକୁ ସୁସ୍ଥ ରଖିଥାଏ । ଡାଳିମ୍ବ ମଞ୍ଜି ସହିତ ଏହାର ଚୋପା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ଏହା ବହୁ ବଡ଼ ବଡ଼ ରୋଗକୁ ଭଲ କରିଥାଏ ।

ଚର୍ମରୋଗ: ଡାଳିମ୍ବ ଖାଇ ସାରିବା ପରେ ଏହାର ଚୋପାକୁ ନ ଫିଙ୍ଗି ବରଂ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ରଖନ୍ତୁ । ଏହି ପାଉଡରକୁ ଆପଣ କୌଣସି କ୍ରିମ୍ କିମ୍ବା ନଡ଼ିଆ ତେଲରେ ମିକ୍ସ କରି ତ୍ୱଚାରେ ଲଗାନ୍ତୁ । ଏହା ଆପଣଙ୍କ ସ୍କିନ୍ ସମସ୍ୟାକୁ ଦୂର କରିବା ସହିତ ସ୍କିନ୍ କ୍ୟାନସର ଭଳି ମାରାତ୍ମକ ରୋଗରୁ ରକ୍ଷା କରିବ ।

ମୁଖ ରୋଗ: ଡାଳିମ୍ବ ଚୋପାରେ ପ୍ରସ୍ତୁତ ପାଉଡରକୁ ଗରମ ପାଣିରେ ଅଧା ଚାମଚ ମିଶାଇ କୁଳି କରିବା ଦ୍ୱାରା ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ । ଏଥିସହିତ ଦନ୍ତ ସମସ୍ୟା ଦୂର ହୋଇଯାଏ ।

ହୃଦୟକୁ ସୁସ୍ଥ: ଡାଳିମ୍ବ ଚୋପାରେ ଆଣ୍ଟିଅକ୍ସିଡାଣ୍ଟ ମାତ୍ରା ପ୍ରଚୁର ପରିମାଣରେ ରହିଛି । ଏଥିପାଇଁ ଡାଳିମ୍ବ ପାଉଡରକୁ ଗରମ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ପିଇବା ଦ୍ୱାରା ଚାପ କମ ହେବା ସହିତ ହୃଦୟ ସୁସ୍ଥ ରହିଥାଏ । ଏଥିସହିତ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିଥାଏ ।

ମହିଳାଙ୍କ ରୋଗ: ନିୟମିତ ଗରମ ପାଣିରେ ଖାଲି ପେଟରେ ଖାଇବା ଦ୍ୱାରା ମହିଳାଙ୍କ ପିରିୟଡ ଜନିତ ପେଟ ଯନ୍ତ୍ରଣାରୁ ମଧ ମୁକ୍ତି ମିଳିଥାଏ ।

ପାଉଡର ପ୍ରସ୍ତୁତି : ଡାଳିମ୍ବକୁ ଶୁଖାଇ ଏହାକୁ ଗ୍ରାଇଣ୍ଡ କରି ପାଉଡର ପ୍ରସ୍ତୁତ କରନ୍ତୁ । ଗୁଣ୍ଡକୁ ଚଲାରେ ଚଲାଇ ପଲିସ କରି ଏକ ଏୟାର ଟାଇଟ ଡବାରେ ରଖନ୍ତୁ ।

# କହିପାରିବେ କି ?

(୧) ନାସାର ବହୁ ପରିଚିତ ସ୍ପେସ୍ ଟେଲିସ୍କୋପର ନାଁ କ'ଣ ?
(୨) ସ୍ୱାଦ ବାରିବା ପାଇଁ ଜିଭରେ ଥିବା ବିଶେଷ ତନ୍ତ୍ରର ନାଁ କ'ଣ ?
(୩) ଏକ ରାସାୟନିକ ପ୍ରକ୍ରିୟାରେ ବ୍ୟବହାର ହୋଇଥିବା ରାସାୟନଗୁଡିକୁ କ'ଣ କୁହାଯାଏ ?
(୪) ପୃଥିବୀର ୫୦ ଭାଗରେ ଜଳ ଭରି ରହିଛି । ଠିକ୍ ନା ଭୁଲ୍ ?
(୫) ରୋଷେଇ ହେବା ପରେ ଖାଦ୍ୟର ମୌଳିକ ରାସାୟନିକ ଗୁଣ କ'ଣ ହୁଏ ?
(୬) ALU ର ଫୁଲଫର୍ମ କ'ଣ ?
(୭) ଟର୍ମ 'Pentium' କାହା ସହ ଜଡିତ ?
(୮) ୱେବ୍ ସାଇଟ୍‌ର ପ୍ରଥମ ପୃଷ୍ଠାକୁ କ'ଣ କୁହାଯାଏ ?
(୯) ଭାରତର କେଉଁଠାରେ ପ୍ରଥମେ କମ୍ପ୍ୟୁଟର ଇନଷ୍ଟଲ୍ ହୋଇଥିଲା ?
(୧୦) ୱାର୍ଲ୍ଡ ୱାଇଡ୍ ୱେବ୍ (WWW)ର ଆବିଷ୍କାରକ କିଏ ?

## JUMBLE WORDS

| | | | |
|---|---|---|---|
| 1) ELHOBD | = | 6) RAOHUT | = |
| 2) RDOAPN | = | 7) OPGUR | = |
| 3) VOEMI | = | 8) KLYSI | = |
| 4) NRWIG | = | 9) LANEFI | = |
| 5) CNERHD | = | 10) CAAEDF | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୨୦୬ଟି, ୨.ବୋନ୍‌ମ୍ୟାରୋ, ୩.ପାରଦ, ୪.ଠିକ୍, ୫.ସାଇନୋଫୋବିୟା, ୬.ତେଲେଙ୍ଗାନା, ୭.ତୁରିଆଲ୍‌ଭା, ୮.ଶିମ୍ଲା ଲଙ୍କା, ୯. ରାଜାଜୀ ରାଷ୍ଟ୍ରୀୟ ଉଦ୍ୟାନ, ୧୦. ୧୦ ଫୁଟ ।

***Jumble Words*** **ର ଉତ୍ତର :-**

(1) TRACT (2) YOKEL (3) GENDER (4) VOYAGE (5) PRONG (6) MOMMY (7) EXCEED (8) HYMNAL (9) CHUNK (10) ONION

# ଅରୁଣ ପ୍ରସନ୍ନ କୁମାର ସେଠ୍‌ଙ୍କ ପରଲୋକ

ସମ୍ବଲପୁର : ଖେଳ ଓ ସଂଗୀତର ଏକ ବିରଳ ସମନ୍ୱୟ, ସମ୍ବଲପୁରର କିଂବଦନ୍ତୀ ବ୍ୟକ୍ତିତ୍ୱ ଅରୁଣ ପ୍ରସନ୍ନ କୁମାର ସେଠୀଙ୍କର ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି । ପିଲାବେଳେ ନଦୀ ବାଲିରେ ଗୁଡୁ ଖେଳି ଜଣେ ବିଶିଷ୍ଟ ଖେଳାଳି ପାଲଟିଥିବା ଅରୁଣ ମାତ୍ର ୬ ବର୍ଷ ବୟସରେ ମୃଦଙ୍ଗ ବଜାଇବା ଆରମ୍ଭ କରି ଜୀବନରେ ଜଣେ ଖ୍ୟାତନାମା ସଂଗୀତଜ୍ଞ ପାଲଟିଥିଲେ । ଫୁଟବଲ୍‌ରେ ସନ୍ତୋଷ ଟ୍ରଫି ଖେଳି ନାଁ କରିଥିବା ଅରୁଣ କଳା କ୍ଷେତ୍ରରେ ଉତ୍କର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସକ୍ରିୟ ଥିବା ଅରୁଣ ତାଙ୍କର କୁଞ୍ଜେଲପଡ଼ା ସ୍ଥିତ ବାସଭବନରେ ଆଖି ବୁଜିଥିଲେ । ଶେଷ ଶଯ୍ୟା ନିକଟରେ ପତ୍ନୀ ଅଶୋକୀ, ୨ ପୁଅ କିରଣ ଏବଂ କଲ୍ୟାଣ ଓ ନାତି, ନାତୁଣୀ ଉପସ୍ଥିତ ଥିଲେ । ସମ୍ବଲପୁର ଟାଉନ୍ ହାଇସ୍କୁଲ୍‌ରୁ ମ୍ୟାଟ୍ରିକ୍ ପାସ୍ କରିବା ପରେ ଶ୍ରୀ ସେଠ୍ ତତ୍କାଳୀନ ସମ୍ବଲପୁର ମହାବିଦ୍ୟାଳୟ (ବର୍ତ୍ତମାନର ଜିଏମ୍ ବିଶ୍ୱବିଦ୍ୟାଳୟ)ରେ ପାଠ ପଢ଼ିଥିଲେ । ପିଲାଟି ବେଳୁ ଖେଳକୁଦ ପ୍ରତି ତାଙ୍କର ଆଗ୍ରହ ଥିଲା । ଛାତ୍ର ଜୀବନରେ ସେ କବାଡ଼ି, ଦୌଡ଼କୁଦରେ କୃତିତ୍ୱ ହାସଲ କରିଥିଲେ । ମହନ୍ତ ନୀଳାମ୍ବର ଦାସ ଏବଂ ସ୍ୱର୍ଗତ ଗୌରୀଶଂକର ସାହାଣୀଙ୍କଠାରୁ ପ୍ରୋତ୍ସାହନ ପାଇ ସେ ଫୁଟବଲ୍ ଖେଳରେ ପାଦ ଥାପିଥିଲେ । ନିଜର ଚମତ୍କାର ପ୍ରତିଭା ବଳରେ ସେ ଓଡ଼ିଶା ସନ୍ତୋଷ ଟ୍ରଫି ଦଳରେ ସାମିଲ ହୋଇ ନିଜ ଛାପ ଛାଡ଼ି ପାରିଥିଲେ । ୧୯୫୪ ମସିହାରେ ସେ ଓଡ଼ିଶା ଦଳର ତାରକା ଫରୱାର୍ଡ ଭାବେ ପୂର୍ବ ବର୍ଷ ଚାମ୍ପିଅନ୍ ପଞ୍ଜାବ ବିପକ୍ଷରେ ୨ଟି ଚମତ୍କାର ଗୋଲ୍ କରିଥିଲେ । ତାଙ୍କ ପ୍ରଦର୍ଶନ ବଳରେ ଓଡ଼ିଶା ପଞ୍ଜାବକୁ ୩-୦ ଗୋଲ୍‌ରେ ହରାଇଥିଲା । ସେ ମଧ ବାଙ୍ଗାଲୋର ଜାତୀୟ କ୍ରୀଡ଼ାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ଶ୍ରୀ ସେଠ୍ ୧୦୦ ମିଟର, ୨୦୦ ମିଟର୍ ଦୌଡ଼ ଓ ହାଇଜମ୍ପରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଓ ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ବହୁ ପଦକ ଜିତିଥିଲେ ।

ଶ୍ରୀ ସେଠ୍‌ଙ୍କୁ କିନ୍ତୁ କ୍ରୀଡ଼ାଠୁ ଅଧିକ ପରିଚୟ ଦେଇଥିଲା ତାଙ୍କର କଳା ଓ ସଂଗୀତ । ନିଜ ପିତା ତଥା ସଂକୀର୍ତ୍ତନ କଳାକାର ନାକା ସେଠ୍‌ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୬ ବର୍ଷ ବୟସରୁ ମୃଦଙ୍ଗ ବଜାଇବା ଆରମ୍ଭ କରିଥିବା ଅରୁଣ ପରବର୍ତ୍ତୀ ଜୀବନରେ ତାର୍ ସାହାନାଇ, ଦିଲରୁବା, ଭାଓଲିନ୍, ତବଲା, ମେଣ୍ଡୋଲିନ୍, ସିତାର୍, ଢୋଲକ୍, ପଖାଓ୍ୱଜ ପ୍ରଭୃତି ବିଭିନ୍ନ ପାଲଟିଥିଲେ । ବାଦ୍ୟଯନ୍ତ୍ରରେ ପାରଂଗମ ତେବେ



ସାହାନାଇ ବାଦନରେ ତାଙ୍କର ସ୍ୱାତନ୍ତ୍ୟ ରହିଥିଲା । ଏହି ବିରଳ ବାଦ୍ୟର ସେ ଏକ ସମୟରେ ଜଣେମାତ୍ର ବାଦକ ଥିଲେ । ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାର ଶ୍ରୀ ସେଠ୍ ବିଶ୍ୱପ୍ରସିଦ୍ଧ ରଂଗବତୀ ଗୀତର ବାଦକ ଦଳର ଅନ୍ୟତମ ବାଦ୍ୟକାର ଥିଲେ । 'ଝୁମ୍‌ଝୁମ୍ ବାଜେ ମୋର୍ ଝୁମକା ପଏଁରି' ଭଳି ଲୋକପ୍ରିୟ ସଂଗୀତରେ ବି ସେ ବାଦ୍ୟକାର ଥିଲେ । ସମ୍ବଲପୁରୀ ସଂଗୀତ ତଥା ଅନେକ ସଂଗୀତ ପ୍ରତି ତାଙ୍କର ଅବଦାନ ନିମନ୍ତେ ତାଙ୍କୁ ୧୯୮୫ ମସିହାରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କୃତ କରିଥିଲା । ଏହାଛଡ଼ା ସେ ଆକାଶବାଣୀ ଦିଲ୍ଲୀ ତରଫରୁ ମ୍ୟୁଜିକ କମ୍ପୋଜର୍ ପୁରସ୍କାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ପଶ୍ଚିମ ଓଡ଼ିଶା ସଂସ୍କୃତି ସମ୍ମାନ, 'ସମ୍ବାଦ' ତରଫରୁ ଜୁଗାର ସମ୍ମାନ, ସମ୍ବଲପୁର ଲୋକ ମହୋତ୍ସବ ସମ୍ମାନ, ସମ୍ବଲପୁର ପୁସ୍ତକ ମେଳା ତରଫରୁ ସେତୁ ସମ୍ମାନ, ଇମ୍ପା ତରଫରୁ 'ବଂଶୀଧର- ଇଲା ପଣ୍ଡା' ସମ୍ମାନ ସମେତ ଅଗଣିତ ପୁରସ୍କାର ଓ ସମ୍ମାନର ଅଧିକାରୀ ଥିଲେ ଶ୍ରୀ ସେଠ । ସମ୍ବଲପୁର କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ସଂଗୀତ କଳାକାରଙ୍କ ସହିତ ତତ୍କାଳୀନ ସୋଭିଏତ୍ ରୁଷ୍, ଇଣ୍ଡୋନେସିଆ, ଥାଇଲାଣ୍ଡ ସମେତ ଦେଶ, ବିଦେଶର ବିଭିନ୍ନ ସ୍ଥାନରେ ନିଜ କଳା ପରିବେଷଣ କରିଥିଲେ । ଶ୍ରୀ ସେଠ୍ ଅବକାରୀ ଓ ଜାତୀୟ ରାଜପଥ ବିଭାଗର ବିଭିନ୍ନ ପଦପଦବିରେ କାମ କରି ସରକାରୀ ଚାକିରିରୁ ଅବସର ନେଇଥିଲେ । ଅବସର ପରବର୍ତ୍ତୀ ଜୀବନରେ ଆଧାତ୍ମିକ ମାର୍ଗରେ ମନୋନିବେଶ କରିଥିଲେ । ସେ ବାଲିବନ୍ଧା ସୋମନାଥ ବାବା, ମନ୍ଦିର ଟ୍ରଷ୍ଟର୍ ସଭାପତି, ସଦସ୍ୟ ଓ ଈଶ୍ୱର ସେବାରେ ବ୍ରତୀ ଥିଲେ ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଆବଶ୍ୟକ

ସୁନ୍ଦରଗଡ଼: ସୁନ୍ଦରଗଡ଼ ସହରର ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଓ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଉଭୟ ବାଳିକାବାଳକ ବର୍ଗରେ ଲୋକନୃତ୍ୟ, ଏକକ ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ, କଣ୍ଠ ସଙ୍ଗୀତ, ବାଦ୍ୟଯନ୍ତ୍ର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର ମୂଲ୍ୟାୟନରେ ସୁନ୍ଦରଗଡ଼ର ବିଭାପା ଓ କଳାୟତନ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ବିଚାରକ ଭାବେ ରହିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଯୋଗଦେଇ କଳା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ହେଲେ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହେବାର ଆବଶ୍ୟକ ବୋଲି ମତପୋଷଣ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ସାର୍ଟିଫିକେଟ ବିତରଣ କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୁସ୍ମିତା ନାଏକ, ଶର୍ମିଳା ପାଢ଼ୀ, ସୁଜାତା ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ଲକ୍ଷ୍ମୀନାରାୟଣ କଲେଜକୁ ଜମି ପଟ୍ଟା ପ୍ରଦାନ

ଝାରସୁଗୁଡା: ୫୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତୀକ୍ଷା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସ୍ଥାୟୀ ଜମିପଟ୍ଟା କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବା ବେଳେ ବିଶ୍ୱ ବ୍ୟାଙ୍କ ସହାୟତାରେ ନିର୍ମିତ ବାଳକ ହଷ୍ଟେଲ ତଥା ବେଦାନ୍ତ ଆଲୁମିନା କମ୍ପାନୀ ଅନୁଦାନରୁ ନିର୍ମିତ କଲେଜର ମୁଖ୍ୟ ଦ୍ୱାରା ଉଦଘାଟନ କରିଛନ୍ତି । ଝାରସୁଗୁଡ଼ା ବାସୀଙ୍କ ତଥା ପୂର୍ବ ଛାତ୍ରଛାତ୍ରୀ ମାନଙ୍କ ଆନ୍ଦୋଳନ ଓ ଦାବି ଫଳରେ ୨୦୧୯ ମସିହାରେ ଆଗରୁ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟର ହଷ୍ଟେଲ ଗୃହରେ ଚାଲୁଥିବା କୋଠା ତଥା ତତ ସଂଲଗ୍ନ ୪.୫୬ ଏକର ଜମିକୁ ଶ୍ରୀ ଦାସଙ୍କ ଉଦ୍ୟମ ଫଳରେ ରାଜ୍ୟ ସରକାର ବିନା ପାଉଣାରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ କୁ ହସ୍ତାନ୍ତର କରିଥିବା ବେଳେ ଜମି ପଟ୍ଟା ପ୍ରଦାନ କରିଥିଲେ ।

ଏହି ଅବସରରେ ଶ୍ରୀ ଦାସ ଆଗକୁ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ କଲେଜ କରିବା ପାଇଁ ଉଦ୍ୟମ ତଥା ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । କଲେଜ ପରିଚାଳନା ସମିତି ଅଧକ୍ଷା ବଳବିନ୍ଦର କୌରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ବେଦାନ୍ତ ଆଲୁମିନା କମ୍ପାନୀ ମୁଖ୍ୟ ସୁନୀଲ ଗୁପ୍ତା ଯୋଗ ଦେଇଥିଲେ । ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅନ୍ୟାନ୍ୟ ଭିତ୍ତିଭୂମି ଅଭାବକୁ ପୂରଣ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାଧାପକ ତପନ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାଧାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧାପିକା ସ୍ମିତା ବୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାରେ ବାଳ ମିତ୍ର ଥାନା ଲୋକାର୍ପିତ



ଝାରସୁଗୁଡ଼ା: ଝାରସୁଗୁଡ଼ା ଟାଉନ ଥାନାରେ ଏକ ବାଳ ମିତ୍ର ଥାନା ଏସ୍.ପି. ରାହୁଲ ଜୈନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଏସ୍‌ପି ଜୈନ କହିଛନ୍ତି, କୌଣସି ଅପରାଧିକ ମାମଲାରେ ଥାନାକୁ ଆସୁଥିବା ବ୍ୟକ୍ତିମାନେ ସାଙ୍ଗରେ ଆଣିଥିବା ନିଜର ସନ୍ତାନଙ୍କ ଉପରେ କୁପ୍ରଭାବ ନ ପଡିବା ପାଇଁ ସରକାର ବାଲ୍ ମିତ୍ର ଥାନା ଖୋଲିଛନ୍ତି । ଏହି ଥାନାରେ ଶିଶୁମାନଙ୍କୁ ରଖାଯିବ । ସେମାନଙ୍କ ମନୋରଞ୍ଜନ ପାଇଁ ଖେଳନା, ଚିତ୍ରକଳା ଆଦି ଉପକରଣ ରହିଛି । ଦେଖାରଖା କରିବାପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଏନେଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଆଇଆଇସି ସାବିତ୍ରୀ ବଳ, ଆଇଆଇସିସି ସିପୋରା ଲୁଗୁନ୍, ଆଇନଜୀବୀ ତାପସ ରାୟ ଚୌଧୁରୀ, ସନ୍ଦିପ ଅବସ୍ତି, ଶିକ୍ଷାବିତ୍ ପ୍ରଫେସର ଟହଲୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼: ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି କ୍ରମରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏସ.ପି ସାଗରିକା ନାଥ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ରୋକିବା ଲାଗି ରହିଥିବା ନିୟମ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଏବଂ ରବି ନାରାୟଣ ସାହୁ, ଜିଲା ମୁଖ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ସମ୍ମାନିତ ଅତିଥି ଏବଂ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଲଳିତ ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହାଛଡା ପୂର୍ବାହ୍ନରେ ଦୁର୍ନୀତି ନିବାରଣ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଲାଗି ଏକ ସଚେତନତା କରିବା ଲାଗି ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତୃଣମୂଳ ସ୍ତରରୁ ଦୁର୍ନୀତି ହଟାଇବା ପାଇଁ ଗ୍ରାମସଭା କରାଯାଇ ପଞ୍ଚାୟତ ପ୍ରତିନିଧି, ସାଧାରଣ ଲୋକ, ସ୍ୱେଚ୍ଛାସେବୀମାନଙ୍କୁ ଦୁର୍ନୀତି ନିବାରଣ ବିଷୟରେ ସଚେତନ କରାଯାଉଛି ।

# ବେଲମତୀ ଭୁଏ ସ୍ମୃତି କମିଟି ପକ୍ଷରୁ ଅଁଳାନବମୀ ପାଳନ

ସମ୍ବଲପୁର : ଧନକଉଡ଼ା ବ୍ଲକ ଶାସନ ପଞ୍ଚାୟତ ଡୁଙ୍ଗିପାଲି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ମନ୍ଦିରରେ ପବିତ୍ର ଅଁଳାନବମୀ ପାଳନ ଅବସରରେ ପୂଜାର୍ଚ୍ଚନା ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ସାଙ୍ଗକୁ ପରିବେଶ ସୁରକ୍ଷା ଜୀବନରକ୍ଷା ସଚେତନତା ସଭା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଆୟୋଜକ ସ୍ୱର୍ଗତା ବେଲମତୀ ଭୁଏଙ୍କ ପୁତ୍ର ଡୋଳାମଣି ଭୁଏ ଓ ଲିଲିମା ଭୋଏ କର୍ତ୍ତା ଦାୟିତ୍ୱ ବହନ କରିଥିଲେ । ସଚେତନତା ସଭାରେ ବରିଷ୍ଠ ସମାଜସେବୀ କଳାରତ୍ନ ବଂଶୀଧର କର ଅଧକ୍ଷତା କରିଥିଲେ । ସୀତାଂଶୁ ଭୂଷଣ ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥି ଓ ପଣ୍ଡିତ ଶରତ ଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରକୃତି ବନ୍ଧୁ ତ୍ରିବିକ୍ରମ ପୋଢ଼, ରବିନାରାୟଣ ମିଶ୍ର, ସୁବାଷ ଚନ୍ଦ୍ର ପଟ୍ଟନାୟକ ପ୍ରକୃତିବନ୍ଧୁ ଦେବାଶିଷ ସାହୁ, ପ୍ରକୃତି ପ୍ରେମୀ ଗୋପାଳ ରାଉତ, ସୁରୁବୁଇ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅଁଳା ନବମୀର ମହତ୍ତ୍ୱ ଓ ଧାର୍ମିକ ଭାବ ଉପରେ ଅତିଥି ମାନେ ଆଲୋଚନା କରିଥିଲେ । ଏହି ଅବସରରେ ବୟୋଜ୍ୟେଷ୍ଠା ମହିଳା ସମାଜସେବୀ ବିଶାଳ ଖୁଣ୍ଟା ଗ୍ରାମର କମଳା ଧୁରୁଆଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଏକ ଆମ୍ବ ଚାରା ରୋପଣ କରାଯାଇଥିଲା ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# 'ସମ୍ବଳ' ପକ୍ଷରୁ ରକ୍ତଦାନ ଶିବିର: ୧୫୧ ୟୁନିଟ୍ ରକ୍ତ ସଂଗ୍ରହ









ସମ୍ବଲପୁର: ବଡବଜାର ଗୌରୀ କଲ୍ୟାଣ ମଣ୍ଡପରେ ସମ୍ବଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ଜିଲ୍ଲାପାଳ ଅନନ୍ୟା ଦାସ ଉଦଘାଟନ କରିଥିଲେ । ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ଭୀମସାର ବୁର୍ଲା ଅଧିକ୍ଷକ ଲାଲମୋହନ ନାୟକ, ସିଡିଏମଓ ପଙ୍କଜ କୁମାର ପଟେଲ, ଡାକ୍ତର କବୀର ଦାସ ପୁରୋହିତ, ସମ୍ବଳ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ଉପଦେଷ୍ଟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସଞ୍ଜିବ କୁମାର ନନ୍ଦ, ଉଦ୍ଧବ ମହାପାତ୍ର, ପଞ୍ଚାନନ ତ୍ରିପାଠୀ, ହେମନ୍ତ ମିଶ୍ର, ପ୍ରତାପ କର, କାଳିଦାସ ପଣ୍ଡା ଏବଂ ଶ୍ରୀବତ୍ସ ପଣ୍ଡା ଉପସ୍ଥିତ ଥିଲେ । ଏହି ଶିବିରରେ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର କଳ୍ପେସ କକ୍କଡ କର୍ମଦେବ ପଟେଲ, ତାପସ ନାୟକ ଏବଂ ବୁର୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମ୍ୟ ରଞ୍ଜନ ମିଶ୍ର, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ବୁର୍ଲା ରକ୍ତଭଣ୍ଡାର ପକ୍ଷରୁ ୧୦୦ ୟୁନିଟ ଓ ସମ୍ବଲପୁର ରକ୍ତଭଣ୍ଡାର ପକ୍ଷରୁ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ସମସ୍ତ ରକ୍ତ ଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା । ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମ୍ବଳ ପରିବାରରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଳର ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ଶମ୍ଭୁ ପଟେଲ, ସନ୍ତକ ପଣ୍ଡା , ପ୍ରକାଶ କୁମାର ପ୍ରଧାନ, ମୁକେଶ ବିଶି, ଆନନ୍ଦ ଅଜଡିୱାଲ, ଅରୁଣ ଅଜଡିୱାଲ, ରାମଦାସ ପଣ୍ଡା, ରାଜେନ୍ଦ୍ର କୁମାର ଦାଶ, ଅନିଲ ପରିଡା, ଦିଲୀପ କୁମାର ସାହୁ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଏମ୍‌ସିଏଲ୍‌ରେ ଭିଜିଲାନ୍ସ ଆୱାରନେସ୍ ସପ୍ତାହ










ବୁର୍ଲା : ମହାନଦୀ କୋଲଫିଲ୍ଡ ଲିମିଟେଡରେ ଦୁର୍ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ କେଶବ ରାଓ ସିଭିସି ପତାକା ଉତ୍ତୋଳନ କରି ଉପସ୍ଥିତ କାର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏଥିସହ ସମ୍ବଲପୁର ଜିଲ୍ଲାର ସବୁ ଗାଁରେ ଭିଜିଲାନ୍ସ ସତର୍କତା କରିବା ପାଇଁ ଏକ ଭିଜିଲାନ୍ସ ରଥର ଉଦ୍‌ଘାଟନ କରାଯାଇଥିଲା । ଏହି ଅବସରରେ ଏମ୍‌ସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ଓ ଅର୍ଥ ବିଭାଗର ନିର୍ଦ୍ଦେଶକ ଏ.କେ ବେହୁରା ଲୋକଙ୍କୁ ନିଜ ବ୍ୟକ୍ତିଗତ ଜୀବନରେ ସବୁବେଳେ ସଜାଗ କରିବାକୁ କହିଥିଲେ । ଲୋକଙ୍କ ମନରେ ସତର୍କତା ଆଣିବା ଓ ଭ୍ରଷ୍ଟାଚାରକୁ ବନ୍ଦ କରିବା ପାଇଁ କଳାକାରମାନେ ବିଭିନ୍ନ ପ୍ରକାର କଳା ପ୍ରଦର୍ଶନ କରିଥିଲେ ।

## ଜାଗୃତି ମହିଳା ମଣ୍ଡଳ ଦ୍ୱାରା ଏସ୍‌ଏଚ୍‌ଜି ଷ୍ଟଲ ଉଦ୍‌ଘାଟିତ

ବୁର୍ଲା: ଜାଗୃତି ମହିଳା ମଣ୍ଡଳ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ଷ୍ଟଲ ଗୁଡିକର ଉଦ୍‌ଘାଟନ କରାଯାଇଛି । ଏହାକୁ ମଣ୍ଡଳର ସଭାପତି



ପଦ୍ମଜା ସିଂ, ଉପସଭାପତି ସରିତା ପଟେଲ, ରଶ୍ମୀ ବେଉରା ଉଦ୍‌ଘାଟନ କରିଥିଲେ । ଏଠାରେ ସମ୍ବଲପୁରର ମୁଦିପଡା, ନନ୍ଦପଡା, ତଳିଆପଡା ଓ ପରମାନ୍‌ପୁର ଆଦି ଅଞ୍ଚଳରୁ ଆସିଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ୫ଟି ଷ୍ଟଲ ରହିଛି । ଏଥିରେ ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ଭଳି ଭିଭିନ୍ନ ପ୍ରକାର ହାତ ତିଆରି ସାମଗ୍ରୀର ବିକ୍ରି ହେଉଛି ।

## ଓଡିଶା ପ୍ରଶାସନିକ ସେବାରେ ସଫଳତା ପ୍ରାପ୍ତ ଭିସୁଟ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁର୍ଲା: ଓଡିଶା ପ୍ରଶାସନିକ ସେବା ୨୦୨୦ ରେ ସଫଳତା ହାସଲ କରିଥିବା ଭିସୁଟ ର ପୂର୍ବତନ ଛାତ୍ର ଛାତ୍ରୀ ଙ୍କୁ ଆଜି ବିଜୁ ପଟ୍ଟନାୟକ ଇ ଲର୍ଣ୍ଣିଙ୍ଗ ସେଣ୍ଟର ଠାରେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମ କୁ କୁଳପତି ଙ୍କ ଉପସ୍ଥିତିରେ ଶ୍ରୀ ଅସିତ କୁମାର ତ୍ରିପାଠୀ, ଆଇଏସ ଉଦ୍ଘାଟିତ କରିଥିବା ବେଳେ ଆର୍ଡିସି ନର୍ଦ୍ଦନ ରିଜିଅନ ଶ୍ରୀ ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଅନନ୍ୟ ଦାସ, ଏସପି ବି



ଗଙ୍ଗାଧର, ଭିସୁଟ ଆଲୁମିନି ଆସୋସିଏସନ ର ପ୍ରେସିଡେଣ୍ଟ ଅଶେଷ ପାଢ଼ୀ, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିସ ର ପ୍ରେସିଡେଣ୍ଟ ବ୍ରହ୍ମାନନ୍ଦ ମିଶ୍ର ଉପସ୍ଥିତ ଥିଲେ । ଏହା ବ୍ୟତୀତ ଭିସୁଟ ର ସମସ୍ତ ଏଁଡଓ ତଥା ଡିନ ଉପସ୍ଥିତ ରହିଥିଲେ । ଓସିଏସ ୨୦୨୦ ରେ ଭିସୁଟ ରୁ ସମୁଦାୟ ୧୮ ଜଣ ସଫଳତା ହାସଲ କରିଛନ୍ତି । ଶେଷରେ ପ୍ରଫେସର ଅନିଲ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଶିବ ପ୍ରସାଦ ସାମଲ , ଆଲୋକ ମିଶ୍ର , ପାୟଲ ସାହୁ , ଅନୁଷ୍କା ନାୟକ , ପ୍ରତ୍ୟାଶା ପ୍ରିୟଦର୍ଶିନୀ , ଶ୍ୱେତା ପାଢ଼ୀ ଆଦି ସହଯୋଗ କରିଥିଲେ ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିଜୟ କୁମାର ମହାପାତ୍ର
ଅବସରପ୍ରାପ୍ତ ଉପଶ୍ରମ ଆୟୁକ୍ତ
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୨୦୨୧

ଆପଣଙ୍କର ଦିବ୍ୟଧାମ ଗମନକୁ ଏକବର୍ଷ ବିତିଗଲା । ତଥାପି ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଆପଣଙ୍କର ଅନୁପସ୍ଥିତି ଅନୁଭବ କରୁଛୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା ।

-: ଶୋକସନ୍ତପ୍ତ :-
ଧର୍ମପତ୍ନୀ- ବିଜୟଲକ୍ଷ୍ମୀ, ପୁତ୍ର- ଅମୀୟ, ଅଜିତ, ଅମିତ ଓ ଅସିତ୍ ଏବଂ ମହାପାତ୍ର ପରିବାର ବର୍ଗ
କୋଲାବିରା ହାଉସ୍,
ପଟ୍ଟନାୟକପଡ଼ା, ସମ୍ବଲପୁର

## ସିଦ୍ଧେଶ୍ୱରୀ ଧର୍ମ ସଂସଦର ୪୮ତମ ପ୍ରତିଷ୍ଠା ଦିବସ ପାଳିତ







ସମ୍ବଲପୁର: ସିଦ୍ଧେଶ୍ୱରୀ ଧର୍ମ ସଂସଦର ୪୮ତମ ପ୍ରତିଷ୍ଠା ଦିବସ ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଲା ଗାୟକ ଜଗବନ୍ଧୁ ସାହୁ ଓ ମହେନ୍ଦ୍ର କୁମାର ନାୟକଙ୍କୁ ସିଦ୍ଧେଶ୍ୱରୀ ପ୍ରଜ୍ଞା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ନୃତ୍ୟ ପାଳିଆ ଗୀତାଞ୍ଜଳି ସାହୁଙ୍କୁ ଦ୍ୱିତୀୟ ଗୀତାଞ୍ଜଳି ସ୍ମୃତି ସମ୍ମାନ -୨୦୨୨ରେ ସମ୍ମାନିତ କରାଯାଇଥିଲା । ସଂପାଦକ ସୁଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ଜନ୍ମେଜୟ ବାବୁ, ଶଙ୍କର୍ଷଣ ଆଚାର୍ଯ୍ୟ, ସବିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମଶ୍ରୀ ଖଟେଇଙ୍କ କୃତିତ୍ୱ

ସମ୍ବଲପୁର: ନିକଟରେ ବିଶାଖାପାଟଣା ଠାରେ ସ୍କୁଲ ଅଫ ଥିଏଟର ଆର୍ଟ୍ସ ପକ୍ଷରୁ ଆୟୋଜିତ ସାଂସ୍କୃତିକ ମହୋତ୍ସବରେ ଅଂଶଗ୍ରହଣ



କରି ପଦ୍ମଶ୍ରୀ ଖଟେଇ ଚଳିତ ବର୍ଷ 'କଳାଜିବୀ ପୁରସ୍କାର-୨୦୨୨'ରେ ସମ୍ମାନିତ ହୋଇଛନ୍ତି । ଗୁରୁ ଗଙ୍ଗାଧର ଦାସ, କୃଷ୍ଣ ଚନ୍ଦ୍ର ବାଗ, ଡ. ମୋହିତ ସ୍ୱାଇଁ, ଆଲୋକ ପଣ୍ଡା, ମହେଶ ପଟେଲଙ୍କ ଠାରୁ ନୃତ୍ୟ ଶିକ୍ଷା ପାଇଥିବା ପଦ୍ମଶ୍ରୀ ଭତରା ନିବାସୀ ସୁରେନ୍ଦ୍ର ଖଟେଇ ଏବଂ ଯଶୋବନ୍ତ ଖଟେଇଙ୍କ ଝିଅ ।

## ପ୍ରଦୀପ ମିଶ୍ରଙ୍କ ଦୁଇ ପୁସ୍ତକ ଉନ୍ମୋଚିତ



ସମ୍ବଲପୁର : ଝାରସୁଗୁଡ଼ା ଜିଲ୍ଲା ପଣ୍ଡରୀର ଦିବ୍ୟ ଦର୍ଶନ ଗୀତା ସଂଘ ପକ୍ଷରୁ ଏକ ଧର୍ମସଭାରେ ପଣ୍ଡିତ ପ୍ରଦୀପ ମିଶ୍ରଙ୍କ ରଚିତ ଦୁଇଟି ପୁସ୍ତକ 'ବୃହତ ଆଦର୍ଶ ପଦ୍ୟାବଳୀ' ଓ 'ମାଁ' ସମ୍ବଲପୁର ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଶଶାଙ୍କ ଶେଖର ନନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ସଂଘ ସଭାପତି ସାବିତ୍ରୀ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଲକ୍ଷ୍ମଣ ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୀତାର ସାଂଖ୍ୟ ଯୋଗ ଉପରେ ଆଲୋଚନା କରିଥିଲେ । ଶ୍ରୀକାନ୍ତ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସବିତା ମିଶ୍ର ସମ୍ପାଦକୀୟ ସୂଚନା ଦେଇଥିବା ବେଳେ ଇନ୍ଦ୍ରାଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra